## ଅଲ୍ଲାଃ ତାଲାଙ୍କ ବାଣୀ

وَمَنۡ یُّرِدۡ ثَوَابَ الدُّنۡیَا نُؤۡتِہٖ مِنۡہَا ۚ

وَمَنۡ یُّرِدۡ ثَوَابَ الۡاٰخِرَۃِ نُؤۡتِہٖ مِنۡہَا ؕ

وَسَنَجۡزِی الشّٰکِرِیۡنَ (آل عمران:146)

ଅନୁବାଦ- ଏବଂ ଯେଉଁ ବ୍ୟକ୍ତି ଇହକାଳର ପ୍ରତିଫଳ ଇଚ୍ଛା କରିବ ଆମେ ତାକୁ ସେଥିରୁ ଦେବୁ ଏବଂ ଯେ ପରକାଳର ପ୍ରତିଫଳ ଇଚ୍ଛା କରିବ ଆମ୍ଭେ ତାକୁ ସେଥିରୁ ଦେବୁ; ଏବଂ ଆମେ କୃତଜ୍ଞମାନଙ୍କୁ ନିଶ୍ଚୟ ପ୍ରତିଫଳ ଦେବୁ ।

*(ଆଲେ ଇମରାନ: ୧୪୬)*


بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4 | ସଂଖ୍ୟା 44

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

31 ଅକ୍ଟୋବର 2019 | 31 ଇଖା 1398 ହି.ଶ | 02 ରବିଉଲ୍ ଅୱ୍ୱଲ୍ 1441 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ୍ୱ ବାରିକ୍‌ଲନା ଫି'ଉମ୍‌ରିହି ୱ୍ୱ ଅମ୍‌ରିହି ॥

**ଚାରିତ୍ରିକ ଚମତ୍କାର ବହୁତ ପ୍ରଭାବଶାଳୀ ହୋଇଥାଏ । ଦାର୍ଶନିକମାନେ ତତ୍ତ୍ୱଜ୍ଞାନ ଏବଂ ଯଥାର୍ଥତା ଦ୍ୱାରା ସାନ୍ତ୍ୱନା ପାଇ ପାରିନ୍ତି ନାହିଁ । କିନ୍ତୁ ମହାନ ଚରିତ୍ର ତାଙ୍କ ଉପରେ ବହୁତ ବଡ଼ ଓ ଗଭୀର ପ୍ରଭାବ ପକାଇଥାଏ ।**

**ଆଁ ହଜରତ ସ:ଆ:ସଙ୍କ ଉଚ୍ଚକୋଟୀର ଚରିତ୍ର ଏପରି ଥିଲା ଯେ, *ଇନ୍ନକା ଲାଆଲା ଖୁଲୁକିନ୍ ଅଜିମ୍ (ଅଲ୍‌କଲମ୍:୫)* ପବିତ୍ର କୋରାନ୍‌ରେ ପ୍ରକାଶ ହେଲା ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ବଦ୍‌ଜନି (କୁଧାରଣା/ଈର୍ଷା)

ବଦ୍‌ଜନି (କୁଧାରଣା/ଈର୍ଷାପରାୟଣତା) ହେଉଛି ଏପରି ଏକ ରୋଗ ଓ ଏପରି ଖରାପ ବିପତି ଯାହା ମଣିଷକୁ ଅନ୍ଧ କରି ବିନାଶକାରୀ ଅନ୍ଧକାରମୟ କୂପ ଭିତରେ ପକାଇଦିଏ । ବଦ୍‌ଜନି ହିଁ ଜଣେ ମୃତ ବ୍ୟକ୍ତିର ପୂଜା କରାଇଛି । ବଦ୍‌ଜନି ହିଁ ଲୋକମାନଙ୍କୁ ଖୁଦାତାଲାଙ୍କ ବିଶେଷ ଗୁଣ ଯେପରି ସୃଷ୍ଟିକର୍ତା, ଦୟାଳୁ ଏବଂ ଜୀବିକାପ୍ରଦାନକାରୀ ଇତ୍ୟାଦି (ଗୁଣ)କୁ ବେକାର କରି ନଉଜୁବିଲ୍ଲାଃ ଏକ ନିଳମ୍ବିତ ଓ ଅଥର୍ବ ବସ୍ତୁ ବନାଇ ଦିଏ । ସୁତରାଂ ଏହି ବଦ୍‌ଜନି ଯୋଗୁଁ ଜହନ୍ନୁମ୍ (ନର୍କ)ର ବହୁତ ବଡ଼ ଭାଗ ପୂର୍ଣ୍ଣ ହୋଇଯିବ, ଯଦି ମୁଁ କୁହେ କି ସମ୍ପୂର୍ଣ୍ଣ ଭାଗଟି ଭରିଯିବ ବୋଲି ତେବେ ତାହା ଅତ୍ୟୁକ୍ତି ହେବ ନାହିଁ । ଯେଉଁ ଲୋକମାନେ ଅଲ୍ଲାଃ ତାଲାଙ୍କ ମାମୁର୍ ( ଅର୍ଥାତ ପ୍ରେରିତ ଦୂତ)ଙ୍କ ସହିତ ବଦ୍‌ଜନି କରିଥାନ୍ତି, ସେମାନେ ଖୁଦାତାଲାଙ୍କ ବୈଭବ/ପୁରସ୍କାର ଏବଂ ତାହାଙ୍କ କୃପାକୁ ଘୃଣିତ ଚକ୍ଷୁରେ ଦେଖିଥାନ୍ତି । ସୁତରାଂ ଯଦି କୌଣସି ବ୍ୟକ୍ତି ଆମର ଏହି ସମ୍ପ୍ରଦାୟର, ଯାହାକୁ ଖୁଦାତାଲା ନିଜ ହାତରେ ପ୍ରତିଷ୍ଠା କରିଛନ୍ତି, ଅସ୍ୱୀକାର କରେ । ଏଥିରେ ଆମକୁ ଦୁଃଖ ଲାଗିଥାଏ କି ହାୟ ! ଗୋଟିଏ ଆତ୍ମା ବିନାଶପୂର୍ଣ୍ଣ ଫାଟକର ଜଞ୍ଜିରକୁ ଠକ୍‌ଠକ୍ କରୁଛି ଯେବେ କି ଏହି ସିଲ୍‌ସିଲା (ସମ୍ପ୍ରଦାୟ) ଏପରି ଉଜ୍ଜ୍ୱଳ ଯେ ଯଦି କୌଣସି ବ୍ୟକ୍ତି ତତ୍ପର ହୃଦୟ ନେଇ କେବଳ ଦୁଇଘଂଟା ଆମ କଥାକୁ ଶୁଣେ ତେବେ ସେ ସତ୍ୟକୁ ପାଇଯିବ ।

### ଆଁ ହଜରତ ସ:ଆ:ସଙ୍କ ଚାରିତ୍ରିକ ଚମତ୍କାର

ଏବେ ମୁଁ ଚାହୁଁଛି ଯେ ଆଉ କିଛି କଥା କହି ଏହି ଭାଷଣକୁ ଶେଷ କରିବି । ମୁଁ କିଛି ସମୟ ପାଇଁ ଐଶି ଚମତ୍କାରିତା ଆଡ଼କୁ ପୁଣି ଫେରି କହୁଅଛି ଯେ ଗୋଟିଏ ଐଶି ଚମତ୍କାର ହେଉଛି ଶକ୍‌କୁଲ୍ କମର୍ (ଅର୍ଥାତ ଚନ୍ଦ୍ରକୁ ଦୁଇଖଣ୍ଡ କରି ଦେଖାଇବା) ଇତ୍ୟାଦି ଜ୍ଞାନମୂଳକ ଏବଂ ଦ୍ୱିତୀୟତଃ ପ୍ରକୃତ ବାସ୍ତବିକତା ଏବଂ ତତ୍ତ୍ୱଜ୍ଞାନ (ଯଦ୍ୱାରା ଈଶ୍ୱରଙ୍କୁ ଚିହ୍ନିହୁଏ) । ତୃତୀୟ (ଐଶି)ଚମତ୍କାରିତା ହେଉଛି ଚାରିତ୍ରୀକ ଚମତ୍କାରିତା । ଚାରିତ୍ରିକ ଚମତ୍କାର ବହୁତ ପ୍ରଭାବଶାଳୀ ହୋଇଥାଏ । ଦାର୍ଶନିକମାନେ ତତ୍ତ୍ୱଜ୍ଞାନ ଏବଂ ଯଥାର୍ଥତା ଦ୍ୱାରା ସାନ୍ତ୍ୱନା ପାଇ ପାରିନ୍ତି ନାହିଁ । କିନ୍ତୁ ମହାନ ଚରିତ୍ର ତାଙ୍କ ଉପରେ ବହୁତ ବଡ଼ ଓ ଗଭୀର ପ୍ରଭାବ ପକାଇଥାଏ । ହଜୁର ସୟଦୁଲ୍ ମୁର୍‌ସଲୀନ୍ ସ:ଆ:ସଙ୍କ ଚାରିତ୍ରୀକ ଚମତ୍କାରିତା ମଧ୍ୟରୁ ଗୋଟିଏ ହେଉଛି ଏହା କି ଏକଦା ସେ ଗୋଟିଏ ଗଛ ମୂଳରେ ଶୋଇ ପଡ଼ିଥିଲେ , ଅଚାନକ ପାଟିତୁଣ୍ଡ/କୋଳାହଳ ଶୁଣି ଉଠିଗଲେ ଓ କ'ଣ ଦେଖୁଛନ୍ତି ଜଣେ ଜଙ୍ଗଲି ଲୋକ ତରବାରୀ ଧରି ହଜୁରଙ୍କ ଉପରେ ବସିଛି । ସେ କହୁଛି ହେ ମୁହମ୍ମଦ ! (ସ:ଆ:ସ) ବତାଓ ବର୍ତମାନ ମୋ ହାତରୁ ତୁମକୁ କିଏ ବଂଚାଇ ପାରିବ ? ଆପଣ ସ:ଆ:ସ ପୂର୍ଣ୍ଣ ବିଶ୍ୱାସର ସହିତ ଏବଂ ସତ୍ ସନ୍ତୁଷ୍ଟତାର ସହ, ଯାହା (ତାହାଙ୍କୁ) ପ୍ରାପ୍ତ ଥିଲା, କହିଲେ ଅଲ୍ଲାଃ । ଆପଣ ସ:ଆ:ସଙ୍କର ଏକଥା କହିବା ସାଧାରଣ ମଣିଷଙ୍କ କହିବା ସଦୃଶ ନଥିଲା । ଅଲ୍ଲାଃ, ଯାହା ଖୁଦାତାଲାଙ୍କର ଏକ ନିଜସ୍ୱ ନାମ ଏବଂ ଯାହା ହେଉଛି ସମସ୍ତ ବିଶେଷ ଗୁଣର ସମାହାର, ତାହା ଏପରି ଶୈଳୀରେ ତାଙ୍କ ମୁହଁରୁ ଉଚ୍ଚାରିତ ହେଲା ଯେପରି ହୃଦୟରୁ ବାହାରି ହୃଦୟ ଭିତରେ ଯାଇ ରହିଲା । କୁହାଯାଏ କି ଇସ୍‌ମେ ଆଜମ (ଅର୍ଥାତ ମହାନ୍ ନାମ) ହେଉଛି ଏହା ଓ ଏଥିରେ ବଡ଼ ବଡ଼ ବରକାତ୍ (ବୈଭବ) ରହିଛି କିନ୍ତୁ ଯାହାକୁ ସେହି ଅଲ୍ଲାଃ ମନେ ନାହିଁ ସେ ସେଥିରୁ କଣ ଲାଭ ଉଠାଇବ । ସୁତରାଂ ଏପରି ଶୈଳୀରେ ଅଲ୍ଲାଃ ଶବ୍ଦଟି ଆପଣ ସ:ଆ:ସଙ୍କ ମୁହଁରୁ ଉଚ୍ଚାରିତ ହେଲା ଯେ ତା ଉପରେ (ଅର୍ଥାତ ସେହି ଜଙ୍ଗଲି ଲୋକ ଉପରେ) ରୋବ୍ (ଭୟ/ଆତଙ୍କ) ପଡ଼ିଗଲା ଫଳତଃ ତାର ହାତ କମ୍ପି ଉଠିଲା, ତରବାରୀ ତଳେ ପଡ଼ିଗଲା । ହଜରତ ସେହି ତରବାରୀକୁ ଉଠାଇ କହିଲେ ଯେ ଏବେ ବତାଓ ମୋ ହାତରୁ ତୁମକୁ କିଏ ବଂଚାଇପାରିବ ? ସେହି ଦୃବଳମନା ଜଙ୍ଗଲି ଲୋକଟି କାହାର ନାମ ନେଇ ପାରିଥାନ୍ତା । ପରିଶେଷରେ ଆଁ ହଜରତ ସ:ଆ:ସ ନିଜର ନୈତିକ ଚରିତ୍ରର ନମୁନା ଦେଖାଇ କହିଲେ ଯାଅ ମୁଁ ତୁମକୁ ଛାଡ଼ି ଦେଲି । ଏବଂ କହିଲେ ଯେ ମଣିଷତ୍ୱ / ମଣିଷପଣିଆ ଓ ସତ୍‌ସାହାସ ମୋ ଠାରୁ ଶିଖ । ଏହି ନୈତିକ ଚମତ୍କାରିତା ତା ଉପରେ ଏପରି ପ୍ରଭାବ ପକାଇଲା ଯେ ସେ ମୁସଲମାନ ହୋଇଗଲା ।

ସିୟର୍ ରେ ଲେଖା ଅଛି ଯେ ଅବୁଲ୍ ହସନ୍ ଖର୍‌କାନୀଙ୍କ ନିକଟକୁ ଜଣେ ବ୍ୟକ୍ତି ଆସିଲା । ରାସ୍ତାରେ ତାକୁ ଗୋଟିଏ ସିଂହ ମିଳିଲା ଓ ସେ ତାକୁ କହିଲା ଯେ ଅଲ୍ଲାଃଙ୍କ ଖାତିର ମୋତେ ଛାଡ଼ି ଦେ କିନ୍ତୁ ସିଂହଟି ଆକ୍ରମଣ କଲା ଏବଂ ସେ ଯେତେବେଳେ କହିଲା ଅବୁଲ୍ ହସନ୍ ଖାତିର୍ ଛାଡ଼ି ଦେ, ସେ (ସିଂହ) ତାକୁ ଛାଡ଼ିଦେଲା । ଉକ୍ତ ବ୍ୟକ୍ତିର ବିଶ୍ୱାସରେ ସେହି ପରିସ୍ଥିତି କଳା ଦାଗ ସୃଷ୍ଟି କଲା ତେଣୁ ସେ ଯାତ୍ରା ପରିତ୍ୟାଗ କଲା । ଲେଉଟି ଆସି ଏହି କଥାକୁ ସେ ପ୍ରକାଶ କଲା । ତାକୁ ଅବୁଲ୍ ହସନ୍ ଉତର ଦେଇ ଏକଥା କହିଲେ ଯେ ଏହା କଷ୍ଟକର ନୁହେଁ । ଅଲ୍ଲାଃଙ୍କ ନାମ ସହିତ ତୁମେ ପରିଚିତ ନଥିଲ । ଅଲ୍ଲାଃଙ୍କ ସଚ୍ଚା ଭୟ ଏବଂ ପ୍ରତାପ ତୁମ ମନ ଭିତରେ ନ ଥିଲା ଯେବେ କି ତୁମେ ମୋ ସହିତ ପରିଚିତ ଥିଲ ତେଣୁ ମୋ ପାଇଁ ତୁମ ମନ ଭିତରେ ସମ୍ମାନ ଥିଲା । ସୁତରାଂ ଅଲ୍ଲାଃ ଶବ୍ଦରେ ବଡ଼ ବଡ଼ ବରକାତ୍ ଏବଂ ସୁଗୁଣ ରହିଛି,ସର୍ତ ହେଉଛି ଏହା କି କେହି ତାକୁ ନିଜ ହୃଦୟରେ ସ୍ଥାନ ଦେଉ ଏବଂ ତାହାଙ୍କ ମୂଳତତ୍ତ୍ୱ ଉପରେ କର୍ଣ୍ଣପାତ କରୁ ।

ଏହିପରି ଆଁ ହଜରତ ସ:ଆ:ସଙ୍କ ନୈତିକ ଚମତ୍କାରିତା ମଧ୍ୟରେ ଆଉ ଏକ ଚମତ୍କାର ମଧ୍ୟ ରହିଛି ଯେ ଆପଣ ସ:ଆ:ସଙ୍କ ନିକଟରେ ବହୁତ ମେଣ୍ଢା ଥିଲେ । ଜଣେ ବ୍ୟକ୍ତି କହିଲା ଏତେ ମାତ୍ରାରେ ମେଣ୍ଢା ଆ ପୂର୍ବରୁ ମୁଁ କେବେ ଦେଖିନାହିଁ । ହଜୁର ସ:ଆ:ସ ସେହି ସମସ୍ତ ମେଣ୍ଢାଗୁଡ଼ିକୁ ତାକୁ ଦେଇଦେଲେ । ସେ ତତ୍‌କ୍ଷଣାତ୍ କହିଲା ଯେ ନିଶ୍ଚିତରୂପେ ଆପଣ ହେଉଛନ୍ତି ସଦାଚାରୀ ନବୀ । ସଦାଚାରୀ ନବୀ ବ୍ୟତିତ ଏଭଳି ବଦାନ୍ୟତା ଅନ୍ୟ କାହାଠାରେ ପ୍ରତିଫଳିତ ହେବା କଷ୍ଟକର । ସୁତରାଂ ଆଁ ହଜରତ ସ:ଆ:ସଙ୍କ ଉଚ୍ଚକୋଟୀର ଚରିତ୍ର ଏପରି ଥିଲା ଯେ, *ଇନ୍ନକା ଲାଆଲା ଖୁଲୁକିନ୍ ଅଜିମ୍ (ଅଲ୍‌କଲମ୍:୫)* ପବିତ୍ର କୋରାନ୍‌ରେ ପ୍ରକାଶ ହେଲା ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୮୫ ରୁ ୮୭ ମୁଦ୍ରଣ ୨୦୧୮ କାଦିୟାନ)*

## ଜଲ୍‌ସା ସାଲାନା କାଦିୟାନ ସମ୍ବନ୍ଧରେ ଜରୁରୀ ଘୋଷଣା

ଡ଼ିସେମ୍ବର ୨୦୧୯ ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ସାଲାନା କାଦିୟାନ୍ ସମ୍ବନ୍ଧରେ ଅଖବାର୍ ବଦର୍ କାଦିୟାନ୍‌ରେ ଏଲାନ୍ (ଘୋଷଣା) ହେଉଥିଲା ଯେ, ଏହି ଜଲ୍‌ସା ହେଉଛି ୧୨୫ ତମ ଜଲ୍‌ସା ସାଲାନା । ଏହି ଐତିହାସିକ ଜଲ୍‌ସା ନିମନ୍ତେ ହଜୁର ଅନଓ୍ୱର ଅ:ବ:ଅ କେତେକ ବିଶେଷ ପ୍ରୋଗ୍ରାମଗୁଡ଼ିକର ମଞ୍ଜୁରି ପ୍ରଦାନ କରିଛନ୍ତି, ଯାହାର ଏତେଲା ସର୍କୁଲାର ଜରିଆରେ ଯମାତ୍‌ମାନଙ୍କୁ ଦିଆଯାଇଅଛି ।

ଏହି ଅବଧିରେ ''ତାରିଖେ ଅହେମଦୀୟତ କାଦିୟାନ୍ ବିଭାଗ''ର ଗବେଷଣା ଓ ଅନୁଧ୍ୟାନର ଆଲୋକରେ ସୟଦନା ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ଗୋଚରେ ଏ ଏତେଲା ଦିଆଗଲା ଯେ:

***୨୦୧୯ରେ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ସାଲାନା ୧୨୫ ତମ ଜଲ୍‌ସା ସାଲାନା ନୁହେଁ ବରଂ ଏହା ହେଉଛି ୧୨୬ ତମ ଜଲ୍‌ସା ସାଲାନା ।***

ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଏହାର ମଞ୍ଜୁରି ପ୍ରଦାନ କଲେ ଓ ପ୍ରୋଗ୍ରାମଗୁଡ଼ିକୁ ମଧ୍ୟ ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେଲେ । ବଦରର ପାଠକେ ଅବଗତ ରୁହନ୍ତୁ ।

(ନାଜ୍‌ର ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍‌କଜିୟା)


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୧୧ର ଅବଶିଷ୍ଟାଂଶ ......*

ଭିତରକୁ ନେଇଗଲେ ।

ଇମିଗ୍ରେସନ୍ ନିମନ୍ତେ ଗୋଟିଏ ଅଲଗା ସ୍ଥାନ ଧାର୍ଯ୍ୟ କରି ବିଶେଷ ବ୍ୟବସ୍ଥା କରାଯାଇଥିଲା । ଏହାପରେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଗୋଟିଏ ସ୍ପେଶାଲ୍ ଲଂଜ୍ ଭିତରକୁ ନିଆଗଲା । ଠିକ୍ ୧୦:୧୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ବିମାନ ଭିତରକୁ ପ୍ରବେଶ କଲେ ।

ମୁକରମ୍ ସାହାବଜାଦା ମିର୍ଜା ମଗ୍‌ଫୁର୍ ଅହେମଦ୍ ସାହେବ ଅମୀର ଯମାତ୍ ୟୁ.ଏସ୍.ଏ, ମୋହତରମା ସାହାବଜାଦି ଅମତୁଲ୍ ମୁସଓ୍ୱର୍ ସାହିବା ପତ୍ନୀ ଅମୀର ସାହେବ ଆମେରିକା, ମୋକରମ୍ ଡ଼ାକ୍ତର ନସିମ୍ ରହମତୁଲା ସାହେବ ନାଏବ୍ ଅମୀର ଯମାତ ଅମେରିକା, ମୋକରମ୍ ମଲକ୍ ଓ୍ୱସିମ୍ ଅହମଦ୍ ସାହେବ ନାଏବ ଅମୀର ଯମାତ୍ ଆମେରିକା, ମୋକରମ୍ ମୁନ୍‌ଅମ୍ ନଇମ୍ ସାହେବ ଚେୟାରମ୍ୟାନ ହ୍ୟୁମାନିଟିଫାଷ୍ଟ ୟୁ.ଏସ.ଏ ହଜୁର ଅନଓ୍ୱର ଅ:ବ:ଅଙ୍କୁ ବିଦାୟ ଦେବାପାଇଁ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏୟାରପୋର୍ଟ ଭିତରକୁ ଆସିଥିଲେ । ଏମାନେ ସମସ୍ତେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ କରମର୍ଦ୍ଦନ କରିବାର ସୌଭାଗ୍ୟ ପାଇଲେ । ସାହାବଜାଦୀ ଅମତୁଲ୍ ମସ୍‌ଉର୍ ସାହିବା ହଜରତ ବେଗମ୍ ସାହିବା ମଦଜିଲ୍ଲହା ଅଲ୍‌ଆଲିଙ୍କୁ ବିଦାୟ କହିଲେ ଏହାପରେ ହଜୁର ଅନଓ୍ୱର ଅ:ବ:ଅ ବିମାନ ଭିତରକୁ ପ୍ରବେଶ କଲେ ।

**ଲଣ୍ଡନରେ ପଦାର୍ପଣ**

ବ୍ରିଟିଶ୍ ଏୟାରପୋର୍ଟର ବିମାନ BA292 ଠିକ୍ ୧୦:୪୦ ମିନିଟ୍‌ରେ ଓ୍ୱାଶିଂଟନ୍‌ର Dullas International Airport ରୁ ହେଥ୍ରୋ ଏୟାରପୋର୍ଟ ଲଣ୍ଡନ ନିମନ୍ତେ ଯାତ୍ରା ଆରମ୍ଭ ହେଲା ଉଣା ଅଧିକେ ୬ ଘଂଟା ୪୫ ମିନିଟ୍ ସମୟ ଅନବରତ ଉଡ଼ାଣ ପରେ ବ୍ରିଟେନ୍‌ର ସ୍ଥାନୀୟ ସମୟ ମୁତାବକ ୬ ନଭେମ୍ବର ମଙ୍ଗଳବାର ଦିନ ସକାଳ ୧୦:୨୫ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅଙ୍କ ବିମାନଟି ହେଥ୍ରୋ ଏୟାରପୋର୍ଟ ଲଣ୍ଡନଠାରେ ଅବତରଣ କଲା । ବିମାନର ଦ୍ୱାର ଦେଶରେ ଏୟାରପୋର୍ଟର ଜଣେ ପୋର୍ଟକୋଲ୍ ଅଫିସର ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଏକ ବିଶେଷ ବ୍ୟବସ୍ଥା ଅନ୍ତର୍ଗତ ଗୋଟିଏ ଲଂଜ ଭିତରକୁ ନିଆଗଲା । ସେହି ଲଂଜ ଭିତରେ ମୋକରମ୍ ରଫିକ୍ ଅହମଦ୍ ହୟାତ୍ ସାହେବ ଅମୀର ଯମାତ୍ ୟୁ.କେ, ମୁକରମ୍ ମୁବାରକ ଅହମଦ୍ ଜଫର ସାହେବ ଆଡ଼ିସ୍‌ନାଲ୍ ଓ୍ୱକିଲୁଲ୍ ମାଲ୍ ଲଣ୍ଡନ ଏବଂ ମୋକରମ୍ ଇମରାନ୍ ଜଫର୍ ସାହେବ୍ ମୁହତମିମ୍ ଉମୁମି ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ୟୁକେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ । ସେହି ଲଂଜ ଭିତରେ ଇମିଗ୍ରେସନ ଅଫିସର ପଂହଚି ପାସପୋର୍ଟ ଦେଖିଲେ ।

ଠିକ୍ ୧୧:୩୫ ମିନିଟରେ ଏୟାରପୋର୍ଟରୁ ମସଜିଦ୍ ଫଜଲ୍ ନିମନ୍ତେ ଯାତ୍ରା ଆରମ୍ଭ ହେଲା ପାଖାପାଖି ୧୦:୩୦ ମିନିଟ ସମୟରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ଫଜଲ୍ ଲଣ୍ଡନଠାରେ ପଂହଚିଲେ । ଯେଉଁଠି ଯମାତ୍‌ର ସଦସ୍ୟଗଣ ପୁରୁଷ, ମହିଳା ଓ ଛୋଟଛୋଟ ପିଲାମାନେ ବହୁ ସଂଖ୍ୟାରେ ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଇଲେ । ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କୁ ପାଛୋଟି ନେଲେ । ମସ୍‌ଜିଦ୍ ଫଜଲ୍‌ର ବାହ୍ୟ ପ୍ରାଙ୍ଗଣକୁ ପତାକା ଦ୍ୱାର ସଜାଯାଇଥିଲା । ହଜୁର ଅନଓ୍ୱର ଅ:ବ:ଅ ନିଜ ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସଲାମୁ ଆଲୈକୁମ୍ କହିଲେ ଓ ନିଜ ଆବସସ୍ଥଳୀ ଭିତରକୁ ଚାଲିଗଲେ ।

ସୟଦନା ହଜରତ ଖଲିଫତୁଲ ମସିହିଲ୍ ଅଲ୍‌ଖାମିସ୍ ଅ:ବ:ଅଙ୍କର ଆମେରିକା ଓ ଗୋଟେମାଲା ଗସ୍ତର ଏହି ଯାତ୍ରାରେ ହଜରତ ବେଗମ ସାହିବା ମଦଜିଲ୍ଲହା ଅଲ୍‌ଆଲି ଙ୍କ ବ୍ୟତିତ ଯେଉଁ ସଦସ୍ୟମାନଙ୍କୁ ହଜୁର ଅନଓ୍ୱର ଅ:ବ:ଅଙ୍କ କାଫିଲାରେ ଯୋଗ ଦେବାର ସୌଭାଗ୍ୟ ହାସଲ ହୋଇଛି ସେମାନଙ୍କର ନାମ ନିମ୍ନରେ ଦିଆଯାଉଛି ।

ମୋକରମ୍ ମୁନିର ଅହେମଦ୍ ଜାଓ୍ୱେଦ୍ ସାହେବ (ପ୍ରାଇଭେଟ ସେକ୍ରେଟାରୀ), ମୁକରମ୍ ଆବିଦ୍ ଓ୍ୱହିଦ୍ ଖାନ୍ ସାହେବ (ଇନ୍‌ଚାର୍ଜ ପ୍ରେସ୍ ଏବଂ ମିଡ଼ିଆ ଲଣ୍ଡନ), ମୋକରମ୍ ସୟଦ ମୁହମ୍ମଦ ଅହମଦ୍ ନାସିର ସାହେବ୍ (ନାଏବ୍ ଅଫିସର ବିଶେଷ ସୁରକ୍ଷାଦଳ ଲଣ୍ଡନ), ମୋକରମ ନାସିର ଅହମଦ୍ ସଇଦ୍ ସାହେବ (ସୁରକ୍ଷା ବିଭାଗ), ମୋକରମ୍ ମେହମୁଦ୍ ଅହମଦ୍ ଖାନ୍ ସାହେବ (ସୁରକ୍ଷା ବିଭାଗ), ମୋକରମ୍ ସଖାଓ୍ୱତ୍ ଅଲୀ ବାଜ୍‌ଓ୍ୱା ସାହେବ (ସୁରକ୍ଷା ବିଭାଗ), ମୋକରମ୍ ମିର୍ଜା ଲଇକ୍ ଅହମଦ୍ ସାହେବ (ସୁରକ୍ଷା ବିଭାଗ) ଏବଂ ଏ ଅଧମ ଅବଦୁଲ୍ ମାଜିଦ୍ ତାହେର୍ (ଆଡ଼ିସ୍‌ନାଲ୍ ଓ୍ୱକିଲୁଲ୍ ତବ୍‌ଶିର୍ ଲଣ୍ଡନ)

ଆମେରିକାରୁ ଡ଼ାକ୍ତର ମୋକରମ୍ ତନଓ୍ୱିର୍ ଅହମଦ୍ ସାହେବ ଏହି ସମ୍ପୁର୍ଣ୍ଣ ଗସ୍ତ ସମୟରେ ଡ୍ୟୁଟି ଦେବାପାଇଁ କାଫିଲା ସହିତ ରହିଥିଲେ । ଅମୀର ସାହେବ ଆମେରିକା ତାଙ୍କୁ ଯାତ୍ରା ଆରମ୍ଭ ହେବାର ଦୁଇଦିନ ପୂର୍ବରୁ ଲଣ୍ଡନ ପଠାଇଥିଲେ ସେଠାରୁ ସେ କାଫିଲା ସହିତ ଯାତ୍ରା ଆରମ୍ଭ କରିଥିଲେ ଓ ପୁଣି ଲଣ୍ଡନ ଫେରିଯିବା ପର୍ଯ୍ୟନ୍ତ କାଫିଲା ସହିତ ରହିଲେ ।

ମୋକରମ୍ ଡ଼ାକ୍ତର ହାମିଦୁଲା ଖାନ୍ ସାହେବ ୟୁକେଙ୍କୁ ମଧ୍ୟ ଆମେରିକାରେ ରହଣୀ ସମୟରେ କାଫିଲାରେ ସାମିଲ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଛି ।

ଏମ୍‌ଟିଏ ଇଂଟରନ୍ୟାସନାଲ ୟୁକେର ନିମ୍ନଲିଖିତ ସଦସ୍ୟମାନେ ଆମେରିକା ଓ ଗୋଟେମୋଲାରୁ କେତେକ ପ୍ରୋଗ୍ରାମର ସିଧାପ୍ରସାରଣ ଏବଂ ବିଭିନ୍ନ ପ୍ରୋଗ୍ରାମ ଗୁଡ଼ିକର କଭରେଜ୍ ଓ ରେକଡ଼ିଙ୍ଗ ନିମନ୍ତେ ଏହି ଗସ୍ତରେ ସାମିଲ ହେବାର ସୌଭାଗ୍ୟ ପାଇଲେ । ମୋକରମ୍ ମୁନୀର୍ ଅଉଦାଃ ସାହେବ୍, ମୋକରମ୍ ତୌକିର୍ ଅହମଦ୍ ମିର୍ଜା ସାହେବ, ମୋକରମ୍ ଗାଲିବ୍ ଖାନ୍ ସାହେବ, ମୋକରମ୍ ଅଦନାନ୍ ଜାହିଦ୍ ସାହେବ, ମୋକରମ୍ ହାମିଦୁଲା ନାସିର ସାହେବ, ମୋକରମ୍ ସଫିରୁଦ୍ଦିନ୍ କମର୍ ସାହେବ ଏବଂ ମୋକରମ୍ ଅଲୀ ଅହେମଦ୍ ସାହେବ (ସୋଶିଆଲ୍ ମିଡ଼ିଆ) ।

ଏମଟିଏ ଆଫ୍ରିକା ଅନ୍ତର୍ଗତ ଆଫ୍ରିକୀୟ ଦେଶଗୁଡ଼ିକରେ ଏହି ଗସ୍ତର କଭରେଜ ନିମନ୍ତେ ଉମର୍ ସଫିର୍ ସାହେବ, ଇନ୍‌ଚାର୍ଜ ଏମ୍‌ଟିଏ ଆଫ୍ରିକା ସାମିଲ ହେବାର ସୌଭାଗ୍ୟ ପାଇଛନ୍ତି ।

ରିଭ୍ୟୁ ଅଫ୍ ରିଲିଜିଅନସ ଅନ୍ତର୍ଗତ ଏହି ଗସ୍ତର କଭରେଜ୍ ନିମନ୍ତେ ମୋକରମ ଆମୀର ସଫିର ସାହେବ ଏଡ଼ିଟର୍ ପ୍ରତ୍ରିକା ରିଭ୍ୟୁ ଅଫ୍ ରିଲିଜିଅନସ୍ ସାମିଲ ହେବାର ସୌଭାଗ୍ୟ ପ୍ରାପ୍ତ କଲେ ।

କେନ୍ଦ୍ରୀୟ ମଖ୍‌ଜନେ ତସାଓ୍ୱିର୍ (ଫଟୋ ଗନ୍ତାଘର) ବିଭାଗରୁ ମୋକରମ୍ ଅମୀର୍ ଅଲୀମ୍ ସାହେବ୍ ଇନ୍‌ଚାର୍ଜ ବିଭାଗ ଏବଂ ଉଜୈର୍ ଅହମଦ୍ ସାହେବ ସାମିଲ ହେବାର ସୌଭାଗ୍ୟ ପାଇଲେ ।

ଅଲ୍ଲାଃ ତାଲା ଏହି ସମସ୍ତ ସଦସ୍ୟମାନଙ୍କୁ ଏହି ସୌଭାଗ୍ୟ ମୁବାରକ୍ କରନ୍ତୁ ।
*(ବହଓ୍ୱାଲା ଅଖ୍‌ବାର୍ ବଦର୍ ୧୬, ୨୩ ମଇ ୨୦୧୯)*

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୬ର ଅବଶିଷ୍ଟାଂଶ ......*

ନିଜ ହୃଦୟ ମଧ୍ୟରେ ସ୍ଥାନ ଦେବା । ଖୁଦାତାଲା ଓ ତାହାଙ୍କ ରସୁଲ୍ ସ:ଆ:ସଙ୍କ ପ୍ରେମର ମୁକାବିଲାରେ ସଂସାର ଓ ତା'ର ମୋହମାୟାକୁ ପଛରେ ପକାଇଦେବା ତା' ପରିବର୍ତେ ନିଜ ଭିତରେ ଏକ ପବିତ୍ର ପରିବର୍ତନ ସୃଷ୍ଟି କରି ଏହି ସମାଜକୁ ମଧ୍ୟ ଖୁଦାତାଲାଙ୍କ ନିକଟତର କରିବା ପାଇଁ ଚେଷ୍ଟା କରିବା । ଆଜି ଏ ପୃଥିବୀ ଖୁଦାତାଲାଙ୍କ ଅସ୍ତିତ୍ୱକୁ ସ୍ୱୀକାର କରୁନାହିଁ ଓ ପ୍ରତ୍ୟେକ ବର୍ଷ ବହୁ ସଂଖ୍ୟକ ଲୋକେ ଖୁଦାଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିଚାଲିଛନ୍ତି ସେହିପରି ଧର୍ମକୁ ମଧ୍ୟ ପରିତ୍ୟାଗ କରିଚାଲିଛନ୍ତି ଇସାଇମାନଙ୍କ ମଧ୍ୟରୁ ଓ ଅନ୍ୟ ଧର୍ମମାନଙ୍କ ମଧ୍ୟରୁ ବରଂ କଦାଚିତ ମୁସଲମାନମାନଙ୍କ ମଧ୍ୟରୁ ମଧ୍ୟ ଅନେକ ଲୋକ ଏହିପରି ଅଲ୍ଲାଃଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରୁଛନ୍ତି ଓ ଧର୍ମକୁ ପରିତ୍ୟାଗ କରୁଛନ୍ତି ।

ସୁତରାଂ ଯେଉଁଠି ଏହି ଲୋକମାନେ ଅଲ୍ଲାଃଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରୁଛନ୍ତି ଏହିଭଳି ପରିସ୍ଥିତିରେ ଆମେ ଖୁଦାତାଲାଙ୍କ ପ୍ରେମକୁ ନିଜ ହୃଦୟ ମଧ୍ୟରେ ସୃଷ୍ଟିକରି ଏ ପୃଥିବୀ ବାସୀଙ୍କୁ ମଧ୍ୟ ଖୁଦାତାଲାଙ୍କ ଅସ୍ତିତ୍ୱର ବାସ୍ତବିକତା ସହିତ ପରିଚିତ କରିବା ତେବେ ଯାଇ ଆମେ ଏହି ଜଲ୍‌ସାର ଉଦ୍ଦେଶ୍ୟକୁ ମଧ୍ୟ ପୂରଣ କରିବାବାଲା ହେବା ଓ ତେବେ ଯାଇ ଆମେ ହଜରତ ମସିହ ମଉଦ ଆ:ସଙ୍କ ବୟତର ହକ୍‌କୁ ମଧ୍ୟ ପ୍ରଦାନ କରିପାରିବା । କେବଳ ନିଜ ଭିତରେ ଖୁଦାତାଲାଙ୍କ ପ୍ରେମ ଓ ତାହାଙ୍କ ରସୁଲଙ୍କ ସହିତ ପ୍ରେମ ଭାବ ସୃଷ୍ଟି କରିବା ହିଁ ଯଥେଷ୍ଟ ନୁହେଁ । ବରଂ ତାହା ଠାରୁ ବଳି ଆମର ଏ କର୍ତବ୍ୟ ରହିଛି ଯେ, ଆମେ ଆମ ସନ୍ତାନମାନଙ୍କ ହୃଦୟରେ ଓ ନିଜ ଆସନ୍ତା ପିଢ଼ୀଙ୍କ ମନ ଭିତରେ ମଧ୍ୟ ଖୁଦାତାଲା ଓ ତାହାଙ୍କ ରସୁଲଙ୍କ ସହିତ ପ୍ରେମଭାବ ସୃଷ୍ଟି କରିବା ପାଇଁ ଭରପୁର ଚେଷ୍ଟା କରିବାକୁ ପଡ଼ିବ । ସେହିପରି ଯେପରିକି ମୁଁ କହିସାରିଛି ଯେ, ଏ ସଂସାରକୁ ମଧ୍ୟ ଖୁଦାତାଲାଙ୍କ ଅସ୍ତିତ୍ୱର ବାସ୍ତବିକତା ସହିତ ପରିଚିତ କରାଇବାକୁ ହେବ । ହଜରତ ମସିହ ମଉଦ ଆ:ସଙ୍କ ବୟତରେ ଆସି ଆପଣ ଆ:ସଙ୍କ ମିଶନ୍‌କୁ ଏବଂ ଆପଣ ଆ:ସଙ୍କ ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇ ନେଇଯିବା ମଧ୍ୟ ଆମର ଦାୟିତ୍ୱ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

ଏହି ଜଲ୍‌ସା ଦିନଗୁଡ଼ିକରେ ନିଜର ଉପାସନାର ସ୍ତରକୁ ବଢ଼ାଇବା ପାଇଁ ଓ ତା ଉପରେ ଦୃଢ଼ପଦ ରହିବା ପାଇଁ ଆମେ ସମୟକୁ ଖର୍ଚ୍ଚ କରିବା ଅଲ୍ଲାଃ ତାଲା ଏବଂ ତାହାଙ୍କ ରସୁଲଙ୍କ ସହିତ ପ୍ରେମଭାବରେ ସର୍ବଦା ଆଗକୁ ଆଗକୁ ବଢ଼ିଚାଲିବା ଏବଂ ଏ ସଂସାରର ଭୋଗ ବିଳାସ ଓ ଇଛା ଆମ ଉପରେ କେବେ ବି ପ୍ରଭୁତ୍ୱ ବିସ୍ତାର ନ କରୁ । ଓ ଏହା ମଧ୍ୟ ମନେ ରଖନ୍ତୁ ଯେ ଏ ସବୁ କିଛି ଅଲ୍ଲାଃ ତାଲାଙ୍କ କରୁଣା ବିନା ସମ୍ଭବ ହୋଇପାରିବ ନାହିଁ ତେଣୁ ତା'ର କରୁଣାକୁ ଆବୁରି ରଖିବା ପାଇଁ ମଧ୍ୟ ବହୁତ ଦୁଆ କରିବାର ଆବଶ୍ୟକ ରହିଛି ଓ ଏଥିପ୍ରତି ବହୁତ ଧ୍ୟାନ ଦେବାକୁ ହେବ । ଅଲ୍ଲାଃ ତାଲା ଆମକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । '' *(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)* |
|---|---|

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

# : ଖୁତ୍‌ବା ଜୁମା :

**ଜଲ୍‌ସାର ଉଦ୍ଦେଶ୍ୟ ହେଉଛି ବିଶ୍ୱାସ ଓ ଆସ୍ଥାରେ ଉନ୍ନତି କରିବା ।**
**ଏହି ଜଲ୍‌ସା ଏଥିପାଇଁ ଅନୁଷ୍ଠିତ କରାଯାଉଛି ଯେ, ବାରମ୍ବାର ଆମକୁ ଏ କଥା ମନେପକାଇ ଦିଆଯାଉଛି କି, ଆମ ବୟତ କରିବାର ଉଦ୍ଦେଶ୍ୟ କ'ଣ ।**
**ଯଦି ମସିହ ମଉଦ ଆ:ସଙ୍କ ବୟତର ହକ୍‌କୁ ପ୍ରଦାନ କରିବାକୁ ହେବ ତେବେ ଅଲ୍ଲାଃ ତାଲାଙ୍କ ଉପାସନାର ହକ୍‌କୁ ମଧ୍ୟ ପ୍ରଦାନ କରିବାକୁ ହେବ ।**
**ବିଶ୍ୱାସ,ଆସ୍ଥା ଏବଂ ମାରେଫତ୍ (ଅର୍ଥାତ ଈଶ୍ୱରଙ୍କୁ ଚିହ୍ନିବା) ଯେବେ ବଢ଼ିଥାଏ ସେତେବେଳେ ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍‌ଙ୍କ ସହିତ ପ୍ରେମରେ ବୃଦ୍ଧି ହୋଇଥାଏ ।**
**''ପ୍ରକୃତ ଆନନ୍ଦର ମୂଳଦୁଆ ହେଉଛି ତକ୍‌ୱା (ଧର୍ମପରାୟଣତା) ''**
**ବୁଦ୍ଧିମତା ହେଉଛି ଏହା କି, ଏହି ତିନିଦିନକୁ ଗୋଟିଏ ଟ୍ରେନିଂକ୍ୟାମ୍ପ ରୂପେ ବୁଝାଯାଉ ।**
**ସର୍ବଦା ଏ କଥା ମନେ ରଖନ୍ତୁ ଯେ, ଏ ସଂଖ୍ୟାକୁ ବଢ଼ାଇବା ବା ମିଶନ ଓ ସେଂଟର ନିର୍ମାଣ କରିବା ବା ମସଜିଦ୍ ନିର୍ମାଣ କରିବା ସେତେବେଳେ ଲାଭ ଦେଇଥାଏ ଯେତେବେଳେ ସେ ସବୁର ଉଦ୍ଦେଶ୍ୟକୁ ପୂରଣ କରାଯାଇଥାଏ ।**
**ପ୍ରତ୍ୟେକ ଅହେମଦୀ ଯିଏ ଏହି ସମସ୍ତ ପ୍ରତିବନ୍ଧକରୁ ସ୍ୱାଧୀନ ହୋଇ ଜୀବନ ବିତାଉଛନ୍ତି ଯାହା ସେମାନଙ୍କୁ ପାକିସ୍ତାନରେ ଲଗାଯାଇଥିଲା ବିଶେଷରୂପେ ଏହି କାରଣ ଯୋଗୁଁ ସେ ପୂର୍ବଠାରୁ ବଳି ଅଲ୍ଲାଃ ତାଲାଙ୍କ କୃତଜ୍ଞ ହେବା ଉଚିତ ଏବଂ ହଜରତ ମସିହ ମଉଦ ଆ:ସଙ୍କ ବୟତରେ ଆସିବାର ହକ୍‌କୁ ପ୍ରଦାନ କରିବାପାଇଁ ସମ୍ପୂର୍ଣ୍ଣରୂପେ ଚେଷ୍ଟା କରିବା ଉଚିତ ନିଜର ଆଧାତ୍ମିକ ଜ୍ଞାନ ଏବଂ ନୈତିକ ଅବସ୍ଥାକୁ ଉତମ କରିବା ପାଇଁ ଚେଷ୍ଟା କରିବା ଉଚିତ ।**
**ଅଲ୍ଲାଃ ତାଲା ଓ ତାହାଙ୍କ ରସୁଲଙ୍କ ପ୍ରତ୍ୟେକ କଥାକୁ ନିଜର ସମସ୍ତ ମାମାଲାରେ ସେତେବେଳେ ହିଁ ମାର୍ଗଦର୍ଶନ ବନାଯାଇପାରେ ଯେତେବେଳେ ପ୍ରକୃତ ପ୍ରେମଭାବ ରହିବ**
**ସାଂସାରିକ ପ୍ରେମ ସମ୍ପୂର୍ଣ୍ଣରୂପେ ବାହାରିଯିବା କୌଣସି ମାମୁଲି କଥା ନୁହେଁ ସେହିପରି ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ ସହିତ ଥିବା ପ୍ରେମ ସଂସାର ଉପରେ ପ୍ରଭୁତ୍ୱ ଅର୍ଜନ କରିବା କୌଣସି ମାମୁଲି କଥା ନୁହେଁ । ସେଥିଯୋଗୁଁ ବହୁତ ଚେଷ୍ଟା କରିବାର ଆବଶ୍ୟକତା ଅଛି ।**

## ୩୯ ତମ ଜଲ୍‌ସା ସାଲାନା ହଲାଣ୍ଡର ଉଦ୍‌ଘାଟନ

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୨୭ ସେପ୍ଟେମ୍ବର ୨୦୧୯ ଅନୁଯାୟୀ ୨୭ ତବୁକ୍ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଆଜି ଅଲ୍ଲାଃ ତାଲାଙ୍କ କୃପାରୁ ଯମାତ ଅହେମଦୀୟା ହଲାଣ୍ଡର ଜଲ୍‌ସା ସାଲାନା ଆରମ୍ଭ ହେଉଅଛି ଏବଂ ଅନେକ ବର୍ଷ ପରେ ମତେ ମଧ୍ୟ ଅଲ୍ଲାଃ ତାଲା ସୌଭାଗ୍ୟ ପ୍ରଦାନ କରିଛନ୍ତି ଯେ ମୁଁ ଆପଣଙ୍କ ଏହି ଜଲ୍‌ସାରେ ସାମିଲ ହୋଇଛି । ବିଗତ କେତେ ବର୍ଷ ହେବ ଅମୀର ସାହେବ୍ ଜଲ୍‌ସାରେ ଯୋଗଦେବା ପାଇଁ କହୁଛନ୍ତି କିନ୍ତୁ ଯମାତ୍‌ର ଅନ୍ୟାନ୍ୟ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଇଛା ଥିବା ସେତ୍ୱ ମଧ୍ୟ ଏହା ସମ୍ଭବ ହୋଇପାରୁନଥିଲା । ସେ ଯାହା ହେଉ ଅଲ୍ଲାଃ ତାଲାଙ୍କ କୃପାରୁ ଆଜି ମତେ ଏହି ଜଲ୍‌ସାରେ ସାମିଲ୍ ହେବାର ସୌଭାଗ୍ୟ ମିଳିଛି । ବିଗତ କେତେ ବର୍ଷ ହେବ ହଲାଣ୍ଡରେ ଯମାତ୍‌ର ସଂଖ୍ୟା ବଢ଼ିଛି, ୧/୩ ତ ନିଶ୍ଚିତ ରୂପେ ବଢ଼ିଛି । ବହୁତ ଲୋକ ପାକିସ୍ତାନରୁ ହିଜ୍‌ରତ୍ (ପ୍ରବାସ) କରି ଏଠାକୁ ଆସିଛନ୍ତି । କିଛି ନୂଆ ଲୋକ ମଧ୍ୟ ଯମାତ୍‌ରେ ସାମିଲ ହୋଇଛନ୍ତି । ସେ ଯାହା ହେଉ ପୃଥିବୀର ଅନ୍ୟାନ୍ୟ ଯମାତ୍ ସଦୃଶ ହଲାଣ୍ଡର ଯମାତ୍ ମଧ୍ୟ ନିଜ ସଂଖ୍ୟାରେ ଓ ନିଜ ସାଧନରେ ଉନ୍ନତି କରିଚାଲିଛି । ଲିଟ୍‌ରେଚର ଇତ୍ୟାଦିର ପ୍ରକାଶ ମଧ୍ୟ ଏବେ ଏଠାରୁ ଉତମ ରୂପେ ହେଉଅଛି । ନୂଆ ସେଂଟର ଓ ଗୋଟିଏ ମସ୍‌ଜିଦ୍ ମଧ୍ୟ ଯମାତ୍‌କୁ ପ୍ରାପ୍ତ ହୋଇଛି । ଏ ପର୍ଯ୍ୟନ୍ତ ମୁଁ ତ ତାହା ଦେଖିନାହିଁ କିନ୍ତୁ ଲୋକମାନଙ୍କ ମୁଖରୁ ଅଲ୍‌ମେରେ ମସ୍‌ଜିଦ୍‌ର ସୁନ୍ଦରତା ବିଷୟ ଶୁଣିଛି ଯେ ଆପଣମାନେ ବହୁତ ସୁନ୍ଦର ମସ୍‌ଜିଦ୍ ନିର୍ମାଣ କରିଛନ୍ତି । ଇନ୍‌ଶାଅଲ୍ଲାଃ ତାଲା ଆସନ୍ତା ସପ୍ତାହ ତା'ର ଉଦ୍‌ଘାଟନ ମଧ୍ୟ ହେବ । ଏମିତି ତ ସେଠାରେ ନାମଜ ପଢ଼ାଯାଉଥିବ ଓ ପଢ଼ାଯାଉଅଛି କିନ୍ତୁ ସର୍ବଦା ଏ କଥା ମନେ ରଖନ୍ତୁ ଏହି ସଂଖ୍ୟାରେ ଅଭିବୃଦ୍ଧି ବା ମିଶନ୍ ଓ ସେଂଟର୍ ବନାଇବା ବା ମସ୍‌ଜିଦ୍ ନିର୍ମାଣ କରିବା ସେତେବେଳେ ଲାଭ ଦେଇଥାଏ ଯେବେ ସେ ସବୁର ଉଦ୍ଦେଶ୍ୟକୁ ପୂରଣ କରାଯାଏ । ସୁତରାଂ ଏଠାରେ ରହୁଥିବା ସମସ୍ତ ଅହେମଦୀମାନଙ୍କୁ ନିଜ ନିଜର ନିରିକ୍ଷଣ କରିନେବା ଉଚିତ ଓ ଏକଥାର ଆବଶ୍ୟକତା ରହିଛି ଯେ ସେମାନେ ଦେଖନ୍ତୁ ଓ ଖୋଜନ୍ତୁ ସେହି ଉଦ୍ଦେଶ୍ୟଗୁଡ଼ିକ କଣ, ଯାହା ହଜରତ ମସିହ ମଉଦ ଆ:ସଙ୍କ ବୟତରେ ଆସି ପୂରଣ କରିବାକୁ ହେବ ।

ଯେମିତି ମୁଁ କହିଛି ଯେ ବିଗତ କିଛି ବର୍ଷ ହେବ ବହୁତ ଅହେମଦୀ ହିଜ୍‌ରତ କରି ଏଠାକୁ ଆସିଛନ୍ତି ଓ ଏଠି ଯମାତ୍‌ର ସାଖ୍ୟା ମଧ୍ୟ ବଢ଼ିଛି । ଏଠାକୁ କାହିଁକି ହିଜ୍‌ରତ କରି ଆସିଛନ୍ତି ? ଏଥିପାଇଁ କି ବିଶେଷରୂପେ ପାକିସ୍ତାନରେ ଅହେମଦୀମାନଙ୍କୁ ଧର୍ମୀୟ ସ୍ୱାଧିନତା ନାହିଁ । ଅହେମଦୀମାନଙ୍କୁ ଧର୍ମ ନାଁରେ ହଇରାଣ ହରକତ୍ କରାଯାଉଅଛି, ସେମାନଙ୍କ ଅଧିକାର କ୍ଷୁର୍ଣ୍ଣ କରାଯାଉଛି, ଏହା ଏଥିପାଇଁ କି ସେମାନେ ଏ ଯୁଗର ଇମାମ୍‌ଙ୍କୁ ଆଁ ହଜରତ ସ:ଆ:ସଙ୍କ ପେଶ୍‌ଗୋଇ (ଭବିଷ୍ୟବାଣୀ) ଓ ନିର୍ଦ୍ଦେଶ ମୁତାବକ ମାନିଛନ୍ତି । ଆମକୁ ଅଲ୍ଲାଃ ତାଲାଙ୍କ ନା ନେବା ପାଇଁ ଏବଂ ତାହାର ଉପାସନା କରିବା ପାଇଁ ଏଥିଯୋଗୁଁ ରୋକାଯାଉଅଛି ଯେ ଆମେ ଆଁ ହଜରତ ସ:ଆ:ସଙ୍କ ସଚ୍ଚା ପ୍ରେମଙ୍କ ବୟତରେ କାହିଁକି ଆସିଛୁ । ମସ୍‌ଜିଦ୍ ନିର୍ମାଣ କରିବା ତା ଅଲଗା ଆମକୁ ଆମ ନିଜ ଲୋକମାନଙ୍କ ତର୍‌ବିୟତ୍ (ସତ୍‌ଶିକ୍ଷା) ପାଇଁ ଜଲ୍‌ସା ଓ ଇଜତିମା କରିବା ପାଇଁ ମଧ୍ୟ ରୋକ ଯାଉଛି । ବରଂ ଘରେ ମଧ୍ୟ ଆମେ କାନୁନ୍ ମୁତାବକ ନମାଜ ପଢ଼ିପାରିବୁ ନାହିଁ । କୁର୍ବାନୀ ଇଦ୍‌ରେ ଆମେ ପଶୁ କୁର୍ବାନୀ କରିପାରୁନାହୁଁ, କାନୁନ ଏହାର ଅନୁମତି ଦେଉନାହିଁ । ଏଥିଯୋଗୁଁ ମଧ୍ୟ ମୋକଦମା ହୋଇଯାଉଛି ଓ ଏହା ଏଥିପାଇଁ କି ଏଥିରେ ତଥାକଥିତ ଓ୍ୱଲେମାମାନଙ୍କ ଓ ସେମାନଙ୍କ ଚେଲାମାନଙ୍କର ଭାବନାକୁ ଆଘାତ ପଂହଚୁଛି । ତେଣୁ ଏପରି ପରିସ୍ଥିତିରେ ବହୁତ ଅହେମଦୀ ପାକିସ୍ତାନରୁ ହିଜ୍‌ରତ୍ କରି ଅନ୍ୟ ଦେଶମାନଙ୍କୁ, ଯେଉଁଠି ଧର୍ମୀୟ ସ୍ୱାଧିନତା ଅଛି, ସେଠାକୁ ଚାଲିଯାଉଛନ୍ତି, ହିଜ୍‌ରତ୍ କରି ଯାଉଛନ୍ତି ।

ଆପଣମାନଙ୍କ ମଧ୍ୟରୁ ମଧ୍ୟ ଯେଉଁମାନେ ହିଜ୍‌ରତ କରି ଏଠାକୁ ଆସିଛନ୍ତି, ସେମାନଙ୍କୁ ଏଠାରେ ଧର୍ମୀୟ ସ୍ୱାଧିନତା ମିଳିଛି । ଧନ ଓ ଆର୍ଥିକ ଦୃଷ୍ଟିକୋଣରୁ ମଧ୍ୟ ନିଜ ନିଜର ଅବସ୍ଥାକୁ ଉତମ ରୂପେ ଗଢ଼ିତୋଳିବାର ଅବସର ମଧ୍ୟ ମିଳିଛି । ସୁତରାଂ ପ୍ରତ୍ୟେକ ଅହେମଦୀ, ଯେଉଁମାନେ ଉକ୍ତ ପ୍ରତିବନ୍ଧକରୁ ମୁକ୍ତ ହୋଇ ଜୀବନ ବିତାଉଛନ୍ତି, ସେମାନେ ବିଶେଷ ରୂପେ ଏଥିପାଇଁ ପୂର୍ବାପେକ୍ଷା ଅଧିକ ଅଲ୍ଲାଃ ତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ ଓ ହଜରତ ମସିହ ମଉଦ ଆ:ସଙ୍କ ବୟତ୍‌ର ହକ୍‌କୁ ପ୍ରଦାନ କରିବା ପାଇଁ ସମ୍ପୂର୍ଣ୍ଣ ଚେଷ୍ଟା କରିବା ଉଚିତ, ନିଜର ଆଧାତ୍ମିକ ଜ୍ଞାନତ୍ମିକ ଏବଂ ଚାରିତ୍ରୀକ ଅବସ୍ଥାକୁ ଉତମ କରିବା ପାଇଁ ଚେଷ୍ଟା କରିବା ଉଚିତ ଏ କଥାରେ ଖୁସି ହୋଇଯିବା ଉଚିତ ନୁହେଁ ଯେ ଆମେ ସ୍ୱାଧିନ ଓ ଏବେ ଏପରି କୌଣସି ପ୍ରତିବନ୍ଧକ ନାହିଁ, ଯେ ଯାହା ଆମକୁ ନିଜ ଧର୍ମ ଉପରେ ପରିଚାଳିତ ହେବାପାଇଁ ରୋକିବ । ଯଦି ଆମର ଅମଲ୍ (କାର୍ଯ୍ୟ) ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶ ମୁତାବକ ନାହିଁ, ଯଦି ଆମେ ପୂର୍ବାପେକ୍ଷା ନିଜ ମଧ୍ୟରେ ପରିବର୍ତନ ସୃଷ୍ଟି କରିବା ପାଇଁ ଚେଷ୍ଟା ନ କରିବା ଓ ଅଲ୍ଲାଃ ତାଲା ଏବଂ ତାହାଙ୍କ ରସୁଲ୍ ସ:ଆ:ସଙ୍କ ନିମନ୍ତେ ଥିବା ପ୍ରେମକୁ ପୂର୍ବାଠାରୁ ଅଧିକା ଆମଠାରୁ ପ୍ରକାଶ ହେଉନାହିଁ ତେବେ ଏପରି ସ୍ୱାଧିନତା ମିଳିବାର କ'ଣ ଲାଭ, ଏହି

ଜଲ୍‌ସାରେ ସାମିଲ୍ ହେବାରେ କଣ ଲାଭ ? ଏହି ମସ୍‌ଜିଦ୍ ନିର୍ମାଣ କରିବାରେ କଣ ଲାଭ ? ଆମକୁ ସ୍ୱାଧିନତାର ପ୍ରକୃତ ଲାଭ ତ ସେତେବେଳେ ହେବ ଯେତେବେଳେ ଆମେ ବୟତର ହକ୍‌କୁ ପ୍ରଦାନ କରିବା ।

ହଜରତ ମସିହ ମଉଦ ଆ:ସ ଏହି ଜଲ୍‌ସା ଅନୁଷ୍ଠିତ କରିବାର ଏଲାନ୍ (ଘୋଷଣା) ମଧ୍ୟ ଅଲ୍ଲାଃ ତାଲାଙ୍କଠାରୁ ଅନୁମତି ପାଇଁ କରିଥିଲେ । ସେଥିପାଇଁ କହିଥିଲେ ଯେ ଏହି ଜଲ୍‌ସା ଯୋଗୁଁ ଆମ ମଧ୍ୟରେ ପବିତ୍ର ପରିବର୍ତ୍ତନ ସୃଷ୍ଟି ହେଉ ଆମେ ଦୀନ୍ (ଧର୍ମକୁ) ଦୁନ୍‌ୟା (ସଂସାର) ଉପରେ ଅଗ୍ରାଧିକାର ଦେବାବାଲା ହେଉ । ଏହାର ସଠିକ୍ ଅର୍ଥ ଓ ଜ୍ଞାନ ଆମକୁ ହାସିଲ ହେଉ । ଆମେ ଅଲ୍ଲାଃ ତାଲା ଏବଂ ତାହାଙ୍କ ରସୁଲ ସ:ଆ:ସଙ୍କ ପ୍ରେମକୁ ନିଜ ହୃଦୟ ଭିତରେ ସୃଷ୍ଟି କରୁ । ନିଜର ଆଧାତ୍ମିକ, ଚାରିତ୍ରୀକ ଏବଂ ବୌଦ୍ଧିକ ଅବସ୍ଥାକୁ ଉତମ କରିବା ବାଲା ହେଉ ଏବଂ ଏଥିପାଇଁ ଯଥା ସମ୍ଭବ ଚେଷ୍ଟା କରୁ । ହଜରତ ମସିହ ମଉଦ ଆ:ସ ଏକ ସ୍ଥାନରେ ଜଲ୍‌ସାର ଉଦ୍ଦେଶ୍ୟକୁ ବର୍ଣ୍ଣନା କରି କହିଛନ୍ତି ଓ ନିଜ ବୟତରେ ଆସିଥିବା ଲୋକମାନଙ୍କୁ ଉପଦେଶ ଦେଇ କହିଛନ୍ତି ଯେ, ***"ସମସ୍ତ ନିଷ୍ଠାବାନ, ଯେଉଁମାନେ ଏହି ନିମିତ/ବିନମ୍ର ବ୍ୟକ୍ତିର ବୟତ କରିଛନ୍ତି, ସେମାନଙ୍କ ଉପରେ ପ୍ରକାଶ ହେଉ ଯେ ବୟତ କରିବାର ଉଦ୍ଦେଶ୍ୟ*** ହେଉଛି ଏହା କି ଏହାଦ୍ୱାରା ସାଂସାରିକ ପ୍ରେମ/ମୋହ ଶିତଳ ହେବ ନିଜ ମୌଲା କରିମ୍ (କୃପାଳୁ ଈଶ୍ୱର) ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ପ୍ରେମ/ଭକ୍ତି ହୃଦୟ ଉପରେ ବିଜୟପ୍ରାପ୍ତ କରୁ ଏବଂ (ସାଂସାରିକ ମାୟା ମୋହରୁ) ଏପରି ବିଚ୍ଛେଦ ଅବସ୍ଥା ସୃଷ୍ଟି ହୋଇଯାଉ ଯଦ୍ୱାରା ପରକାଳର ଯାତ୍ରା ମକ୍‌ରୁହ୍ (ଅର୍ଥାତ ଘୃଣିତ) ବୋଧ ନ ହେଉ ।" *(ଆସ୍‌ମାନି ଫୈସ୍‌ଲା, ରୁହାନି ଖଜାଇନ୍ ଖଣ୍ଡ-୪, ପୃ-୩୫୧)*

ତେଣୁ କେବଳ ସ୍ପଷ୍ଟ ନିର୍ଦ୍ଦେଶ ରହିଛି ଯେ ମୋ ବୟତରେ ଆସି କେବଳ ମୁହଁ ଦ୍ୱାରା ଦାବି କରିଦେଲେ ହେବ ନାହିଁ ବରଂ ନିଷ୍ଠାବାନ ବ୍ୟକ୍ତିମାନଙ୍କ ମଧ୍ୟରେ ସାମିଲ ହୋଇଯାଅ ଓ ସତ୍ୟନିଷ୍ଠା ଓ ଭକ୍ତିଭାବରେ ସେତେବେଳେ ଉନ୍ନତି ହୋଇପାରିବ ଯେତେବେଳେ ଅଲ୍ଲାଃ ତାଲା ଏବଂ ତାହାଙ୍କ ରସୁଲ୍ ସ:ଆ:ସଙ୍କ ସହିତ ଥିବା ପ୍ରେମଭାବ ସମସ୍ତ ପ୍ରେମଠାରୁ ଅଧିକ ହେବ । ତେଣୁ ଶରାୟତେ ବୟତ (ବୟତର ସର୍ତାବଳୀ)ରେ ମଧ୍ୟ ଆପଣ ଆ:ସ ଏହି ସର୍ତକୁ ରଖିଛନ୍ତି କି ବୟତ କରିଥିବା ବ୍ୟକ୍ତି ଅଲ୍ଲାଃଙ୍କ ନିର୍ଦ୍ଦେଶ ଏବଂ ରସୁଲ୍‌ଙ୍କ ନିର୍ଦ୍ଦେଶକୁ ପ୍ରତ୍ୟେକ ମାମଲାରେ ଆଖିଆଗରେ ରଖି ଜୀବନ ଅତିବାହିତ କରିବ ।

*(ଅଜଲା ଔହାମ୍ ଭାଗ-୨, ରୁହାନୀ ଖଜାଇନ୍, ଖଣ୍ଡ-୩, ପୃ-୫୬୪)*

ଅଲ୍ଲାଃ ତାଲା ଏବଂ ତାହାଙ୍କ ରସୁଲ ସ:ଆ:ସଙ୍କ କଥାକୁ ନିଜର ପ୍ରତ୍ୟେକ ମାମଲାରେ ସେତେବେଳେ ମାର୍ଗଦର୍ଶନ ବନାଯାଇପାରେ ଯେତେବେଳେ ପ୍ରକୃତ ପ୍ରେମ ଭାବ ହେବ । ତେଣୁ ଏହି ଜଲ୍‌ସା ଏଥିପାଇଁ ଅନୁଷ୍ଠିତ କରାଯାଉଅଛି ଯଦ୍ୱାରା ବାରମ୍ବାର ଆମକୁ ଏହି କଥା ପ୍ରତି ମନେପକାଇ ସଚେତନ କରାଯିବ ଯେ, ଆମର ବୟତ କରିବାର ଉଦ୍ଦେଶ୍ୟ କ'ଣ ଅଛି । ଏହା କୌଣସି ମାମୁଲି କଥା ନୁହେଁ କି, ସଂସାରର ପ୍ରେମ ସମ୍ପୁର୍ଣ୍ଣ ରୂପେ ବାହାରିଯିବ ଓ ତା'ଉପରେ ଅଲ୍ଲାଃ ଏବଂ ରସୁଲଙ୍କ ସହିତ ପ୍ରେମଭାବ ବିଜୟପ୍ରାପ୍ତ କରିବ । ଏଥିପାଇଁ ବହୁତ କଷ୍ଟ ଓ ଚେଷ୍ଟା କରିବାର ଆବଶ୍ୟକତା ରହିଛି । ତେଣୁ ଯେତେବେଳେ ଆମେ ବୟତର ପ୍ରତିଶୃତି କରିସାରିଛେ ସେତେବେଳେ ଏହି ଚେଷ୍ଟା କରିବାକୁ ପଡ଼ିବ ଓ କରିବା ଉଚିତ । ଆମକୁ ନିଜ ସଂସାରିକ କାରବାରକୁ ନିଜ ଉପାସନା ପାଇଁ ତ୍ୟାଗ କରିବାକୁ ହେବ । ସାଂସାରିକ କାର୍ଯ୍ୟରେ ବ୍ୟସ୍ତ ରହିବାକୁ ଅଲ୍ଲାଃ ତାଲାଙ୍କ ହକ୍ ଦେବା ପାଇଁ ବଳିଦାନ କରିବାକୁ ହେବ । ଯେଉଁ ଜିନିଷଗୁଡ଼ିକ ଆମକୁ ଅଲ୍ଲାଃ ତାଲାଙ୍କ ସାନ୍ନିଧ୍ୟ ହାସଲ କରିବାରେ ପ୍ରତିବନ୍ଧକ ହେଉଛି ସେଥିରୁ ଆମକୁ ବଂଚିବାକୁ ହେବ । ଯଦି ଆମର ଚାକିରି ଏବଂ ବାଣିଜ୍ୟ ବ୍ୟବସାୟ ଅଲ୍ଲାଃ ତାଲାଙ୍କ ହକ୍ (ଅଧିକାର) ପ୍ରଦାନ କରିବାରେ ପ୍ରତିବନ୍ଧକ ସାଜୁଛି ତେବେ ଆମକୁ ହଜରତ ମସିହ ମଉଦ ଆ:ସଙ୍କ ଯମାତରେ ରହିବାକୁ ହେଲେ ଏହିସବୁ ଖରାପ କାର୍ଯ୍ୟରୁ ନିଜକୁ ବଂଚାଇବାକୁ ହେବ । ଉକ୍ତ ପ୍ରତିବନ୍ଧକକୁ ଦୁର କରିବାକୁ ହେବ । ସେହିପରି ଯଦି ଆମର ବଡ଼ ପଣିଆ, କଥାକଥିତ ସାଂସାରିକ ସମ୍ମାନ, ପ୍ରସିଦ୍ଧି, ଆମର ସ୍ୱାର୍ଥପର ଭାବନା ଏବଂ ଅଲ୍ଲାଃ ତାଲାଙ୍କ ସୃଷ୍ଟଜର ଅଧିକାରକୁ ପ୍ରଦାନ କରିବାରେ ରୋକୁ ଅଛି ତେବେ ଏହା ମଧ୍ୟ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରିବା ଅଟେ । ହୁକୁକୁଲ୍ ଇବାଦ୍ (ଅଲ୍ଲାଃଙ୍କ ପ୍ରାଣୀଜଗତର ଅଧିକାରକୁ ପ୍ରଦାନ କରିବା) କରିବାକୁ ମଧ୍ୟ ଅଲ୍ଲାଃ ତାଲା ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏହାକୁ ଅମାନ୍ୟ କରି ଆମେ ହଜରତ ମସିହ ମଉଦ ଆ:ସଙ୍କ ଯମାତ୍‌ରେ ରହିବାର ଉଦ୍ଦେଶ୍ୟକୁ ପୁରଣ କରୁନାହେଁ ।

ପୁଣି ଯେଉଁ କଥା ପ୍ରତି ହଜରତ ମସିହ ମଉଦ ଆ:ସ ଧ୍ୟାନ ଆର୍କଷଣ କରାଇଛନ୍ତି ତାହା ହେଉଛି ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ପ୍ରେମ କରିବା । ଆପଣ ଆ:ସ ସ୍ପଷ୍ଟରୂପେ ନିର୍ଦ୍ଦେଶ ଦେଇଛନ୍ତି ଯେ, ରସୁଲେ କରିମ୍ ସ:ଆ:ସଙ୍କ ସହିତ ପ୍ରେମ ସମସ୍ତ ମାନବଜାତିଠାରୁ ଅଧିକା ହେବା ଉଚିତ କାରଣ ଖୁଦାତାଲାଙ୍କ ପର୍ଯ୍ୟନ୍ତ ଏବେ ରସୁଲୁଲ୍ଲାଃ ସ:ଆ:ସଙ୍କ ମାଧ୍ୟମରେ ହିଁ ପହଂଚା ଯାଇପାରେ । ଦୁଆ ଗ୍ରହଣୀୟ ହେବା ଏବଂ ପରିଣାମ ଉତମ ହେବାର ୱସିଲା (ମାଧ୍ୟମ) ଏବେ ଆଁ ହଜରତ ସ:ଆ:ସଙ୍କ ଦ୍ୱାରା ହିଁ ସମ୍ଭବ । ହଜରତ ମସିହ ମଉଦ ଆ:ସ କହୁଛନ୍ତି ଯେ,

"ଦେଖ ଅଲ୍ଲାଃ ତାଲା ପବିତ୍ର କୋରାନ୍‌ରେ ନିର୍ଦ୍ଦେଶ ଦେଇଛନ୍ତି ***କୁଲ୍ ଇନ୍ କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବିଉନି ୟୁହ୍‌ବିବ୍‌କୁମୁଲ୍ଲାହୁ*** (ଆଲେ ଇମ୍‌ରାନ୍-୩୨)" ଅର୍ଥାତ କହିଦିଅ ହେ ଲୋକମାନେ! ଯଦି ତୁମେମାନେ ଅଲ୍ଲାଃ ତାଲାଙ୍କ ସହିତ ପ୍ରେମଭାବ ରଖିଛ ତେବେ ମୋତେ ଅନୁସରଣ କର ଫଳତଃ ସେ ମଧ୍ୟ ତୁମକୁ ପ୍ରେମ କରିବ ଅର୍ଥାତ ଅଲ୍ଲାଃ ତାଲା ମଧ୍ୟ ସେତେବେଳେ ପ୍ରେମ କରିବ ଯେତେବେଳେ ତୁମେ ରସୁଲେ କରିମ୍ ସ:ଆ:ସଙ୍କର ଅନୁସରଣ କରିବ, ତାଙ୍କ ସୁନ୍ନତ ଉପରେ ପରିଚାଳିତ ହେବ ଏବଂ ତାଙ୍କ ନିର୍ଦ୍ଦେଶ ଗୁଡ଼ିକୁ ମାନି ଚଳିବ । ହଜରତ ମସିହ ମଉଦ ଆ:ସ କହୁଛନ୍ତି ଯେ, "ଈଶ୍ୱରଙ୍କ ପ୍ରୀୟପାତ୍ର ହେବା ପାଇଁ କେବଳ ରସୁଲୁଲ୍ଲାଃ ସ:ଆ:ସଙ୍କ ଆଜ୍ଞାବହତା ସ୍ୱୀକାର କରିବା ହିଁ ଗୋଟିଏ ମାର୍ଗ ଏବଂ ଅନ୍ୟକୌଣସି ଏପରି ମାର୍ଗ ନାହିଁ ଯାହା ତୁମକୁ ଈଶ୍ୱରଙ୍କ ସହିତ ଭେଟ କରାଇପାରିବ । ମନୁଷ୍ୟର ଉଦ୍ଦେଶ୍ୟ କେବଳ ସେହି ଏକ ଓ ଅଦ୍ୱିତୀୟ ଈଶ୍ୱରଙ୍କୁ ଅନେସ୍ୱଣ କରିବା ଉଚିତ" ଏହି ଉଦ୍ଦେଶ୍ୟ ରହିବା ଉଚିତ ଯେ ଆମେ କେବଳ ଏକ ଓ ଅଦ୍ୱିତୀୟ ଈଶ୍ୱରଙ୍କୁ ଖୋଜିବା ଓ ଅନ୍ୟକାହାକୁ ଖୋଜିବା ନାହିଁ । ଅଥ
ାତ ଅନ୍ୟ କାହାରିକୁ ଅଲ୍ଲାଃ ତାଲାଙ୍କ ସମକକ୍ଷ ଛିଡ଼ା କରିବା ନାହିଁ । ପୁଣି କହୁଛନ୍ତି "ଶିର୍‌କି (ଅର୍ଥାତ ଅଲ୍ଲାଙ୍କ ସହିତ କାହାରିକୁ ସମକକ୍ଷ କରିବା) ଏବଂ ବିଦ୍‌ଅତ୍ (ଅର୍ଥାତ କୁପ୍ରଥା)ରୁ ବଂଚିବା ଉଚିତ, କୁପ୍ରଥାର ଅନ୍ତର୍ଗତ ରହିବା ଏବଂ ନିଜ ମନ ଓ କାମନାର ବଶିଭୁତ ହେବା ଉଚିତ ନୁହେଁ" । ପୁଣି କହୁଛନ୍ତି ଯେ, "ଦେଖ ମୁଁ ପୁଣି କହୁଅଛି କି, ରସୁଲୁଲ୍ଲାଃ ସ:ଆ:ସଙ୍କ ସତ୍ୟମାର୍ଗ ବ୍ୟତିତ ଅନ୍ୟ କୌଣସି ପ୍ରକାରେ ମଧ୍ୟ ମନୁଷ୍ୟ ସଫଳ ହୋଇପାରିବ ନାହିଁ" । ପୁଣି ଆପଣ ଆ:ସ କହୁଛନ୍ତି ଯେ, "ଆମର କେବଳ ଜଣେ ହିଁ ରସୁଲ ଅଟନ୍ତି ଓ କେବଳ ଗୋଟିଏ ହିଁ ପବିତ୍ର କୋରାନ୍ ସେହି ରସୁଲ ଉପରେ ଅବତୀର୍ଣ୍ଣ ହୋଇଅଛି ଯାହାର ଅନ୍ତର୍ଗତ (ଯାହାର ଆଜ୍ଞାକୁ ପାଳନ କରି) ଆମେ ଈଶ୍ୱରଙ୍କୁ ପାଇପାରିବା" *(ମଲ୍‌ଫୁଜାତ ଖଣ୍ଡ-୫, ପୃ-୧୨୪-୧୨୫)*

ପୁଣି କହୁଛନ୍ତି ତୁମେ ମନେ ରଖ ଯେ, ପବିତ୍ର କୋରାନ୍ ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ କଥାକୁ ଅନୁସରଣ କରିବା ସେହିପରି ନମାଜ୍ ରୋଜା ଇତ୍ୟାଦି ଯେଉଁସବୁ ଧାର୍ଯ୍ୟ କର୍ତବ୍ୟଗୁଡ଼ିକ ରହିଛି ଏ ସବୁ ବ୍ୟତିତ ଈଶ୍ୱରଙ୍କ କୃପା ଏବଂ ତାହାଙ୍କ ବର୍‌କାତ୍‌ର ଦ୍ୱାର ଖୋଲିବା ପାଇଁ ଆଉ କୌଣସି ଚାବି ହିଁ ନାହିଁ । ଏହି ଏକ ମାର୍ଗ ଆଉ କୌଣସି ମାର୍ଗ ହିଁ ନାହିଁ । ସୁତରାଂ ଏହି ବର୍‌କାତ୍‌ଗୁଡ଼ିକୁ ହାସଲ କରିବା ପାଇଁ ହେଲେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ପ୍ରେମ କରିବାକୁ ହେବ ଓ ସେହି ପ୍ରେମଭାବ ଯୋଗୁଁ ଆପଣ ସ:ଆ:ସଙ୍କ ନିର୍ଦ୍ଦେଶାବଳୀ ଉପରେ ପରିଚାଳିତ ହେବା ମଧ୍ୟ ଜରୁରୀ ଅଟେ । ଯଦି ଏହା ନାହିଁ ତେବେ ହଜରତ ମସିହ ମଉଦ ଆ:ସ ସ୍ପଷ୍ଟ ରୂପେ କହିଦେଇଛନ୍ତି ଯେ, ପୁଣି ମୋର ବୟତ କରିବାରେ କିଛି ଲାଭ ନାହିଁ । ତୁମ ଏଠାରେ ଜଲ୍‌ସାରେ ଏକତ୍ରୀତ ହେବା ମଧ୍ୟ ଲାଭ ହିନ । ଆପଣ ଆ:ସ କହୁଛନ୍ତି ମୁଁ ତ ଅଲ୍ଲାଃ ତାଲାଙ୍କ ଏହି ପ୍ରିୟପାତ୍ରଙ୍କର ପ୍ରେମୀ ଅଟେ । ତେଣୁ ଯଦି ତୁମେ ମୋ ବୟତରେ ରହିବାକୁ ଚାହୁଁଅଛ ତେବେ ନିଶ୍ଚିତ ରୂପେ ତୁମମାନଙ୍କୁ ମଧ୍ୟ ମୋ ପ୍ରୀୟତମଙ୍କ ସହିତ ପ୍ରେମ କରିବାକୁ ହେବ ।

ପୁଣି କହିଲେ ନିଜ ଭିତରେ (ସାଂସାରିକ ମୋହମାୟାରୁ) ବିଚ୍ଛେଦ ସୃଷ୍ଟିକର ଅର୍ଥାତ ଏପରି ଅବସ୍ଥା ସୃଷ୍ଟି କର ଯାହା ସାଂସାରିକ ଖେଳକୁଦ ଓ ରଂଗିନ ଦୁନିଆରୁ ତୁମକୁ ଅଲଗା କରିଦେବ । ତୁମର ପ୍ରତ୍ୟେକ କାର୍ଯ୍ୟ ଅଲ୍ଲାଃ ତାଲା ଏବଂ ତାହାଙ୍କ ରସୁଲ ସ:ଆ:ସଙ୍କ ନିର୍ଦ୍ଦେଶ ଅନୁସାରେ ହୋଇଯାଉ । ନିଶ୍ଚିତ ରୂପେ ଏହି ସଂସାରକୁ ଭୋଗ କରିବା ଏବଂ ଏ ସଂସାରରେ କାର୍ଯ୍ୟ ଓ କାରବାର କରିବା ମନା ନାହିଁ ଖୁଦାତାଲା ହିଁ ଏ ସବୁକୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସାହାବା ରିଜ୍‌ୱାନୁଲ୍ଲା ଆଲୈହିମ୍ ଏହି ସବୁ କାର୍ଯ୍ୟ କରୁଥିଲେ । ସେମାନେ ମଧ୍ୟ କାରବାର କରୁଥିଲେ, ବାଣିଜ୍ୟ ବ୍ୟାପାର କରୁଥିଲେ, ସେମାନଙ୍କ ବଡ଼ବଡ଼ କାରବାର ଥିଲା, ସେମାନେ ଲକ୍ଷ ଲକ୍ଷ ଓ କୋଟି କୋଟି ଟଙ୍କାର କାରବାର କରୁଥିଲେ ଓ ଦିଆନିଆ କରୁଥିଲେ, ସେହିପରି ଲକ୍ଷଲକ୍ଷ କୋଟିକୋଟି ସଂପତିର ମାଲିକ ଥିଲେ । କିନ୍ତୁ ଅଲ୍ଲାଃ ତାଲା ଓ ତାହାଙ୍କ ରସୁଲ୍ ସ:ଆ:ସଙ୍କ ସହିତ ଥିବା ପ୍ରେମ ସେ ସବୁ (କାରବାର ଉପରେ) ଗାଲିବ୍ ଥିଲା ଏବଂ ସେମାନେ ସବୁବେଳେ ଏହି ଚିନ୍ତାରେ ରହୁଥିଲେ ଯେ, ଆମେ ଅଲ୍ଲାଃ ତାଲାଙ୍କ ଉପାସନାର ହକ୍ ମଧ୍ୟ ପ୍ରଦାନ କରିବୁ ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ନିର୍ଦ୍ଦେଶାବଳୀ ଗୁଡ଼ିକ ଉପରେ ପରିଚାଳିତ ମଧ୍ୟ ହେବୁ । ସେମାନଙ୍କର ଏ ଚିନ୍ତା ଥିଲା ଯେ, ଆମ ଦ୍ୱାରା କୌଣସି ଏପରି କାର୍ଯ୍ୟ ନ ହେଇଯାଉ ଯଦ୍ୱାରା ଆମର ପ୍ରୀୟତମ (ଅଲ୍ଲାଃ) ଆମଠାରୁ ନାରାଜ ନ ହେଇଯାନ୍ତୁ । ଆଜିକାଲି ମୁଁ ମୋ ଖୁତ୍‌ବାତ୍‌ରେ ସାହାବାମାନଙ୍କର ଚର୍ଚ୍ଚା କରିଆସୁଛି ବହୁତ ସାହାବଙ୍କ ଦୃଷ୍ଟାନ୍ତ ମିଳୁଛି ଯେ, ସେମାନଙ୍କର ଉପାସନା କିପରି ଥିଲା, କିପରି ସେମାନେ ଆଁ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

*ତାଲିବେ ଦୁଆ: Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ହଜରତ ସ:ଆ:ସଙ୍କ କଥାକୁ ମାନି ଚାଲୁଥିଲେ ଓ ଏହାର ସ୍ତର କେତେ ଉଚ୍ଚ ଥିଲା, ଆପଣ ସ:ଆ:ସଙ୍କ ପାଇଁ କି ପ୍ରକାରର ମନୋଭାବ ଥିଲା । ସୁତରାଂ ତାଙ୍କୁ ଏ ଚିନ୍ତା ଘାରୁଥିଲା ଯେ, ଆମ ଦ୍ୱାରା ଏପରି କୌଣସି କାର୍ଯ୍ୟ ନ ହେଇ ଯାଉ ଯାହା ଆମର ପ୍ରୀୟତମଙ୍କୁ ଆମଠାରୁ ନାରାଜ କରିଦେବ । ସୁତରାଂ ଆମ ମୁଣ୍ଡରେ ଏକଥା ରହିବା ଉଚିତ ହେବ ଯେ, ସବୁ ପ୍ରକାରର ସାଂସାରିକ କାର୍ଯ୍ୟ ବ୍ୟସ୍ତତା ଥିବା ସର୍ତ୍ତେ ମଧ୍ୟ ଆମେ ଅଲ୍ଲାଃ ତାଲା ଏବଂ ତାହାଙ୍କରସୁଲ ସ:ଆ:ସଙ୍କ ସହିତ ଥିବା ପ୍ରେମରେ କୌଣସି ପ୍ରକାରର କମ୍ କରିବାକୁ ଦେବା ନାହିଁ । ଇନ୍‌ଶାଅଲ୍ଲାଃ । ଓ ଏଥିପାଇଁ ଯଥା ସମ୍ଭବ ଅଲ୍ଲାଃ ତାଲାଙ୍କ ଓ ତାହାଙ୍କ ରସୁଲଙ୍କ ନିର୍ଦ୍ଦେଶାବଳୀ ଉପରେ ପରିଚାଳିତ ହେବା ପାଇଁ ଚେଷ୍ଟା କରିବା ଉଚିତ ଓ ନିଜର ଅବସ୍ଥାକୁ ଉତମ କରିବା ପାଇଁ ଏବଂ ଜଲ୍‌ସାର ଆଧ୍ୟାତ୍ମିକ ପରିବେଶରୁ ଲାଭ ଉଠାଇବା ପାଇଁ ଏବଂ ନିଜର କାର୍ଯ୍ୟବସ୍ଥାରେ ଉନ୍ନତି ଆଣିବାପାଇଁ ହିଁ ଆମେ ଏହି ତିନିଦିନ ପାଇଁ ଏକାଠି ହୋଇଅଛେ ।

ସୁତରାଂ ଏ କଥା ସର୍ବଦା ମନେ ରଖିବା ଉଚିତ ଓ ଏହା ହିଁ ଆମର ଭାବନା ହେବା ଉଚିତ ଯେ ଏଠାରେ ଆମର ତିନିଦିନ ଏକତ୍ରୀତ ହେବାର ଉଦ୍ଦେଶ୍ୟ କଣ ? ଏହା କି ଏହି ଆଧ୍ୟାତ୍ମିକ ପରିବେଶରୁ ଲାଭ ଉଠାଇବା, ନିଜ କାର୍ଯ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରିବା ଏବଂ ନିଜ ଭିତରେ ଥିବା ଖରାପ ଗୁଣକୁ ବାହାର କରିବା ଏବଂ ଏହି ଦିନ ଗୁଡ଼ିକରେ ଇବାଦତ (ଉପାସନା) ସହିତ ଜିକ୍ରେ ଇଲାହୀ (ଅର୍ଥାତ:ଅଲ୍ଲାଃଙ୍କ ଗୁଣଗାନ କରିବା) ଓ ଇସ୍ତେଗ୍‌ଫାର (ଅର୍ଥାତ: ଅଲ୍ଲାଃଙ୍କ ନିକଟରେ କ୍ଷମା ମାଗିବା) ପ୍ରତି ଆମେ ଧ୍ୟାନଦେବା । ଯଦି ଏପରି ଭାବନା ଆମର ନାହିଁ ତେବେ ଜଲ୍‌ସାରେ ସାମିଲ୍ ହେବା ବେକାର୍ । ବୁଦ୍ଧିମାନ କାର୍ଯ୍ୟ ଏହା କି ଏହି ତିନି ଦିନକୁ ଏକ ଟ୍ରେନିଂ କ୍ୟାମ୍ପ ରୂପେ ଜାଣନ୍ତୁ । ଆମ କାର୍ଯ୍ୟବସ୍ଥାରେ (ଅର୍ଥାତ କର୍ମରେ) ଯେଉଁ ଦୋଷ ଦୁବଳତା ରହିଯାଇଛି ବା ଯେଉଁ ଦୋଷ ଦୁବଳତା ସୃଷ୍ଟି ହୋଇଯାଇଥାଏ, ଯେବେ ମଣିଷ ଗୋଟିଏ ପରିବେଶରୁ ବାହାରକୁ ବାହାରିଥାଏ, ସେତେବେଳେ ଏହାକୁ ଦୂର କରିବା ପାଇଁ ଚେଷ୍ଟା କରନ୍ତୁ । ହଜରତ ମସିହ ମଉଦ ଆ:ସ ଏକ ସ୍ଥାନରେ ଜଲ୍‌ସାର ବୈଶିଷ୍ଟତା ଓ ଲାଭ ସମ୍ବନ୍ଧରେ ବର୍ଣ୍ଣନା କରି କହୁଛନ୍ତି ଯେ:

"ଯଥା ସମ୍ଭବ (ଆମ) ସମସ୍ତ ବନ୍ଧୁମାନେ କେବଳ ଅଲ୍ଲାଃ ତାଲାଙ୍କ ଖାତିର୍ ଐଶ୍ୱରୀକ କଥାକୁ ଶୁଣିବା ପାଇଁ ଏବଂ ଦୁଆ (ପ୍ରାର୍ଥନା)ରେ ଯୋଗ ଦେବାପାଇଁ ଏହି ତାରିଖ ଗୁଡ଼ିକରେ ଆସିବା ଉଚିତ" ଏବଂ ପୁଣି କହୁଛନ୍ତି "ଏବଂ ଏହି ଜଲ୍‌ସାରେ ଏପରି ଯର୍ଥାର୍ଥ ସତ୍ୟାସତ୍ୟ ଓ ତତ୍ୱଜ୍ଞାନ ଶୁଣାଇବାର କାର୍ଯ୍ୟକ୍ରମ ରହିବ ଯାହା ଇମାନ୍, ୟକିନ୍ (ବିଶ୍ୱାସ) ଏବଂ ଆଧ୍ୟାତ୍ମିକତାକୁ ଉନ୍ନତି ଦେବା ପାଇଁ ଜରୁରୀ ଅଟେ ।"

*(ଆସ୍‌ମାନୀ ଫୈସ୍‌ଲା, ରୁହାନୀ ଖଜାଇନ୍, ଖଣ୍ଡ-୪, ପୃ-୩୫୧-୩୫୨)*

ସୁତରାଂ ଜଲ୍‌ସାର ଉଦ୍ଦେଶ୍ୟ ହେଉଛି ଇମାନ୍ ଏବଂ ୟକିନ୍‌ରେ ଉନ୍ନତି ଆଣିବା, ଆଧ୍ୟାତ୍ମିକତାକୁ ବଢ଼ାଇବା । ଆପଣ ଆ:ସ ଗୋଟିଏ ଅବସରରେ ଏହ ମଧ୍ୟ କହିଛନ୍ତି ଯେ ଏହା ସାଂସାରିକ ମେଳା ପରି କୌଣସି ମେଳା ନୁହେଁ । *(ଶହାଦତୁଲ୍ କୁରଆନ୍, ରୁହାନୀ ଖଜାଇନ୍ ଖଣ୍ଡ-୬, ପୃ-୩୯୫)* ଯେ ଆମେ ଏକାଠି ହୋଇଗଲେ, କୋଳାହଳ ମଚାଇଲେ ଓ ଯମା ହୋଇ ନିଜର ସଂଖ୍ୟାକୁ ପ୍ରକାଶ କରିଦେଲେ । ଏହା ତ ଉଦ୍ଦେଶ୍ୟ ନୁହେଁ । ତେଣୁ ଜଲ୍‌ସାକୁ ଆସିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ, ପୁରୁଷଙ୍କୁ, ମହିଳାଙ୍କୁ, ଯୁବକଙ୍କୁ ଏବଂ ବୃଦ୍ଧମାନଙ୍କୁ ମଧ୍ୟ ଏଥିପ୍ରତି ଧ୍ୟାନ ଦେବା ଉଚିତ ଯେ, ତାଙ୍କର ଇମାନ୍ ଏବଂ ୟକିନ୍ ଓ ଆଧ୍ୟାତ୍ମିକତା ବଢୁ । ଫଳତଃ ଖୁଦା ଏବଂ ତାହାଙ୍କ ରସୁଲଙ୍କ ସହିତ ପ୍ରେମରେ ବୃଦ୍ଧି ହେଉ । ଯେବେ ଇମାନ୍, ୟକିନ୍ (ଅର୍ଥାତ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ଓ ଆସ୍ଥା) ଏବଂ ଆଧ୍ୟାତ୍ମିକତା ବଢ଼ିଥାଏ ସେତେବେଳେ ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍ ସ:ଆ:ସଙ୍କ ସହିତ ପ୍ରେମରେ ଅଭିବୃଦ୍ଧି ଘଟିଥାଏ । ଯଦି ଅଲ୍ଲାଃଙ୍କ ସ୍ଥାନ ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ପଦମର୍ଯ୍ୟାଦାକୁ ଆମେ ଚିହ୍ନି ନ ପାରିଛେ, ଯଦି ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ ଉପରେ ଆମର ବିଶ୍ୱାସ ନାହିଁ ତେବେ ଆଧ୍ୟାତ୍ମିକତା କିପରି ଉନ୍ନତି କରିପାରିବ । ଏହି ଆଧ୍ୟାତ୍ମିକତାରେ ବଢ଼ିବା ଯୋଗୁଁ ହିଁ ଇମାନ୍‌ରେ ବୃଦ୍ଧି ଘଟିବ ।

ତେଣୁ ଆମେ କେବଳ ଏତିକି ବୁଝିନେବା ଠିକ୍ ହେବ ନାହିଁ ଯେ ଆମେ କେବଳ ଶୋଭାମଣ୍ଡନ କରିବା ପାଇଁ ଗୋଟିଏ ସ୍ଥାନରେ ଏକାଠି ହୋଇଗଲୁ ଓ ଏଣୁ ତେଣୁ କଥା ହୋଇ ସମୟ ଅତିବାହିତ କରି ଆମେ ଚାଲିଯିବା । ଯଦି ଏପରି ଭାବନା ରହିଛି, ତେବେ ଜଲ୍‌ସାରେ ଯୋଗଦେବା ବୃଥା, ଯେମିତି ମୁଁ ପ୍ରଥମେ ଏକଥା କହିସାରିଛି । ହଜରତ ମସିହ ମଉଦ୍ ଆ:ସ ପୂଣ୍ୟକର୍ମକୁ କରିବା ପାଇଁ ଧ୍ୟାନ ଆର୍କଷଣ କରାଇଛନ୍ତି, ସେଥିରେ ସତ୍‌କର୍ମ ରହିଛି ଯାହା ଅଲ୍ଲାଃ ତାଲାଙ୍କ ଅଧିକାର ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ଏବଂ ଏପରି ପୂଣ୍ୟକର୍ମ ମଧ୍ୟ ଅଛି ଯାହା ଅଲ୍ଲାଃ ତାଲାଙ୍କ ସୃଷ୍ଟଜା/ଭକ୍ତମାନଙ୍କ ଅଧିକାର ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ । ଆପଣ ଆ:ସ କହିଛନ୍ତି ଯେ:

"ପୂଣ୍ୟକୁ କେବଳ ଏଥିଯୋଗୁଁ କରିବା ଉଚିତ ଯେ ଖୁଦାତାଲା ସନ୍ତୁଷ୍ଟ ହୁଅନ୍ତୁ ଓ ତାହାଙ୍କ ପ୍ରସନ୍ନତା ଲାଭ ହେଉ ଏବଂ ତାହାଙ୍କ ଆଜ୍ଞାପାଳନ ହେଉ । ଏହା ଦ୍ୱାରା ପୂର୍ଣ୍ୟ ମିଳିବ ବା ନାହିଁ ଏକଥା ଦୃଷ୍ଟିରେ ନ ରହୁ ।" ସୁତରାଂ ଏହା ହେଉଛି ପ୍ରକୃତ ପ୍ରେମର ଦର୍ଶନ ଯେ ଅଲ୍ଲାଃ ତାଲାଙ୍କ ସହିତ ପ୍ରେମ କରିବା ଏହା ଆବଶ୍ୟକ କରୁଛି ଯେ ଆମେ ତା'ର ନିର୍ଦ୍ଦେଶାବଳୀ ଉପରେ ପରିଚାଳିତ ହେବା, ଯେଉଁଥିରେ ଉପାସନା ମଧ୍ୟ ସାମିଲ ଅଛି ଏବଂ ଅଲ୍ଲାଃ ତାଲାଙ୍କ ଭକ୍ତମାନଙ୍କ ଅଧିକାର ମଧ୍ୟ ସାମିଲ ଅଛି ଏବଂ ସେହି ନିର୍ଦ୍ଦେଶାବଳୀଗୁଡ଼ିକ ଉପରେ ଏଥିଯୋଗୁଁ ପରିଚାଳିତ ହେବା ନାହିଁ ଯେ ଏହାର ପ୍ରତିବଦଳରେ ଖୁଦାତାଲା ଆମକୁ ପୁରସ୍କାର ଦେବ, କୌଣସି ପୂଣ୍ୟ ପ୍ରଦାନ କରିବ । ହଁ ଅଲ୍ଲାଃ ତାଲା କୌଣସି ପୂଣ୍ୟକର୍ମକୁ ବିନା ପୁରସ୍କାର ପ୍ରଦାନରେ ଯିବାକୁ ଦିଏ ନାହିଁ । ଅର୍ଥାତ ତାହାର ପ୍ରତିବଦଳ ନିଶ୍ଚିତ ଦେଇଥାଏ । ପ୍ରକୃତ ଇମାନ୍ (ବିଶ୍ୱାସ) ଏକଥା ଆବଶ୍ୟକ କରିଥାଏ । ଯେପରି ଆପଣ ଆ:ସ କହୁଛନ୍ତି ଯେ ପୂଣ୍ୟ କେବଳ ଏଥିଯୋଗୁଁ କରିବା ଠିକ୍ ନୁହେଁ ଯେ ଏହାଦ୍ୱାରା ଆମକୁ କିଛି ମିଳୁ ବରଂ ଏଥିପାଇଁ କରିବା ଉଚିତ ହେବ ଯେ ଆମ ଖୁଦାଙ୍କର ନିର୍ଦ୍ଦେଶ ଅଛି ଏହାକୁ କରିବା ପାଇଁ ତେଣୁ ଏହି ପୂଣ୍ୟକର୍ମ କରିବା । ଆପଣ ଆ:ସ କହୁଛନ୍ତି "ଇମାନ୍ ସେତେବେଳେ ସମ୍ପୂର୍ଣ୍ଣ ହୋଇଥାଏ ଯେତେବେଳେ ଏହି ସନ୍ଦେହ ଓ ଶଙ୍କା ମଝିରୁ ଉଠିଯାଇଥାଏ" ଅଜର୍ (ପୁରସ୍କାର/ପ୍ରତିବଦଳ) ମିଳିବ କି ନାହିଁ ଏହି ପ୍ରକାରର ଭାବନାରେ ପଡ଼ ନାହିଁ । ଯଦି ଏପରି ଭାବନା ରହିଛି ତେବେ ଇମାନ୍ ସମ୍ପୂର୍ଣ୍ଣ ହୋଇପାରେ ନାହିଁ । ପୁଣି କହୁଛନ୍ତି ଯେ "ଯଦିଚ ଏହା ସତ୍ୟ ଅଟେ ଯେ ଖୁଦାତାଲା କାହାର ସତ୍‌କର୍ମକୁ ବ୍ୟର୍ଥ ଯିବାକୁ ଦିଅନ୍ତି ନାହିଁ । ***ଇନ୍ନଲ୍ଲାହା ଲା ୟୁଜିଉ ଅଜ୍‌ରଲ୍ ମୁହ୍‌ସିନିନ୍*** (ତୌବାଃ:୧୨୦)" ଅର୍ଥାତ ଅଲ୍ଲାଃ ତାଲା ଉପକାରୀ ବ୍ୟକ୍ତିଙ୍କ ପ୍ରତିବଦଳକୁ କେବେ ବ୍ୟର୍ଥ ହେବାକୁ ଦିଅନ୍ତି ନାହିଁ । ପୁଣି କହିଲେ "କିନ୍ତୁ ପୂଣ୍ୟ କରୁଥିବା ବ୍ୟକ୍ତିଙ୍କୁ ପୁରସ୍କାର/ଫଳକୁ ଆଖି ଆଗରେ ରଖିବା ଉଚିତ ନୁହେଁ ।"

*(ମଲ୍‌ଫୁଜାତ୍ ଖଣ୍ଡ-୨, ପୃ-୩୭୧-୩୭୨)*

ସୁତରାଂ ପ୍ରକୃତ ପୂଣ୍ୟ ହେଉଛି ତାହା ଯାହା ବିନା କୌଣସି ଲୋଭ ବା ବିନା କୌଣସି ପ୍ରତିଫଳ ପାଇବାର ଆଶାରେ କରାଯାଇଥାଏ ଏବଂ ଏହି ନିୟମକୁ ସାମନାରେ ରଖି ଆମେ ଲୋକମାନଙ୍କ ସହିତ ସଦ୍‌ବ୍ୟବହାର କରିବା, ଜଣେ ଅନ୍ୟ ଜଣଙ୍କର ଅଧିକାରକୁ ପ୍ରାଦନ କରିବା ପାଇଁ ଚେଷ୍ଟା କରିବା । ଏଥିପାଇଁ କରିବା କି ଏହା ହେଉଛି ଅଲ୍ଲାଃଙ୍କ ନିର୍ଦ୍ଦେଶ ଯେ ଜଣେ ଅନ୍ୟଜଣକ ସହିତ ସଦ୍ ବ୍ୟବହାର କର । ସେହିପରି ରସୁଲୁଲ୍ଲାଃ ସ:ଆ:ସଙ୍କର ଏ ନିର୍ଦ୍ଦେଶ ରହିଛି ଯେ, ଏ ସୁନ୍ନତ ଅଛି ଯେ, ଏ ଆଦେଶ ରହିଛି ଯେ ଜଣେ ଅନ୍ୟ ଜଣଙ୍କ ଅଧିକାରକୁ ପ୍ରଦାନ କରିବାପାଇଁ ଚେଷ୍ଟା କର ଏବଂ ଚରିତ୍ର ଦେଖାଓ ଏତଦ୍‌ଦ୍ୱାରା ଲୋକଙ୍କଠାରୁ ପ୍ରତିବଦଳ ମିଳୁ ବା ନ ମିଳୁ, ଅଲ୍ଲାଃ ତାଲା ନିଶ୍ଚିତ ରୂପେ ଏହି ପୂଣ୍ୟ କର୍ମର ପୁରସ୍କାର ଦେଇଥାନ୍ତି, ସୁତରାଂ ଯେବେ ଆମ ଈଶ୍ୱର ଆମ ସହିତ ଏପରି ବ୍ୟବହାର କରିଥାନ୍ତି, ତେବେ ଆମର ଦାୟିତ୍ୱ କେତେ ଅଧିକା ହେବା ଉଚିତ ଯେ ତାହାର (ଅର୍ଥାତ ଈଶ୍ୱରଙ୍କର) ପ୍ରସନ୍ନତା ଲାଭ ପାଇଁ ଆମକୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ କୁକର୍ମରୁ ବଂଚିବା ଯେଉଁଥିରୁ ବଂଚିବା ପାଇଁ ଆମକୁ ସେ ନିର୍ଦ୍ଦେଶ ଦେଇଛି ।

ଏଠାକୁ ଆସି, ଏହି ଦେଶକୁ ଆସି, ଉନ୍ନତ ରାଷ୍ଟ୍ରଗୁଡ଼ିକୁ ଆସି ଆମକୁ ଆମ ଅବସ୍ଥା ଉପରେ ତୀକ୍ଷ୍ଣ ଦୃଷ୍ଟି ଦେବା ଉଚିତ । ଏଠିକାର ସ୍ୱାଧିନ ଅବସ୍ଥା ପ୍ରତ୍ୟେକ ପ୍ରକାରର ବ୍ୟର୍ଥ ଓ ନିରର୍ଥକ କାର୍ଯ୍ୟରେ ଲିପ୍ତ ଥିବା ପରିବେଶରେ ଆସି ଆମକୁ ଆମ ଅବସ୍ଥା ଉପରେ ବହୁତ ଅଧିକ ଦୃଷ୍ଟି ଦେବାର ଆବଶ୍ୟକ ରହିଛି । ବେଳେବେଳେ ସମ୍ପନ୍ନତା ପୂଣ୍ୟ କାର୍ଯ୍ୟ କରିବାକୁ ବାଧା ଦେଇଥାଏ । ଯେତେବେଳେ ଅବସ୍ଥା ସୁଧୁରିଯାଏ ସେତେବେଳେ ମଣିଷ ପୂର୍ବକଥାକୁ ଭୁଲିଯାଏ । ଆମେ ଭାବୁଥାଉଁ କି ଅମୁକ ସାଂସାରିକ କାର୍ଯ୍ୟ ଯଦି ଆମେ ନ କରୁ ଆମକୁ କ୍ଷତି ଉଠାଇବାକୁ ପଡ଼ିବ କିନ୍ତୁ ଅଲ୍ଲାଃ ତାଲା କହୁଛନ୍ତି ଯେ ରିଜକ୍ (ଅର୍ଥାତ ଜୀବିକା) ମୁଁ ପ୍ରଦାନ କରିଥାଏ । ସୁତରାଂ ସାଧାରଣତଃ ଏ କଥା ଜଣେ ସାଂସାରିକ ବ୍ୟକ୍ତି ନିଜ ଆଖି ଆଗରେ ରଖିଥାଏ ଯେ ମତେ କୌଣସି ପ୍ରକାରର କ୍ଷତି ନ ପହଂଚୁ । ତେଣୁ ସେ ଅଲ୍ଲାଃଙ୍କ ହକ୍‌କୁ ପ୍ରଦାନ କରିନଥାଏ । ଦୁର୍ଭାଗ୍ୟ ବସତଃ ଏଥିରେ ଆମମାନଙ୍କ ମଧ୍ୟରୁ ମଧ୍ୟ କିଛି ଲୋକ ସାମିଲ ଅଛନ୍ତି ଯେ ସେମାନେ ନିଜ ନମାଜକୁ ନିଜ କାମ ପାଇଁ ତ୍ୟାଗ କରିଦେଉଛନ୍ତି ନମାଜ ପଢ଼ିବା ସମୟରେ ଯଦି ଅନ୍ୟ କେଉଁଠି କାମ ଅଛି, ତା ହେଲେ ସେମାନେ ନମାଜକୁ ଛାଡ଼ି ଦେଉଛନ୍ତି ବା ପରେ ନମାଜକୁ ଯମା କରିପ ପଢୁଛନ୍ତି, ବା ବେଳେବେଳେ ନମାଜ ପଢୁନାହାନ୍ତି ମଧ୍ୟ, ଭୁଲି ଯାଉଛନ୍ତି । କିନ୍ତୁ ସାଂସାରିକ କାର୍ଯ୍ୟକୁ ଛାଡୁନାହାନ୍ତି । ତେଣୁ ଏ ସବୁରୁ ବଂଚିବା

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ପାଇଁ ଆମକୁ ଚେଷ୍ଟା କରିବାକୁ ହେବ । ଅଥବା ସେମାନେ ଏମିତି ଶିଘ୍ର ଶିଘ୍ର ନମାଜ ପଢ଼ିଥାନ୍ତି ଯେ ଯେମିତି ତାହା ଏକ ଫର୍ଜ (ଅର୍ଥାତ କର୍ତବ୍ୟ) ଅଟେ ଯାହାକୁ ବେକରୁ ବାହାର କରିବାକୁ ହେବ । ଯେପରି ମୁଁ ପୂର୍ବରୁ କହିସାରିଛି ଯେ ଏହା ଅଲ୍ଲାଃଙ୍କ ସହିତ ପ୍ରେମ ନୁହେଁ ବରଂ ସଂସାର ସହିତ ଥିବା ପ୍ରେମର ପରିପ୍ରକାଶ । ସୁତରାଂ ଯଦି ହଜରତ ମସିହ ମଉଦ ଆ:ସ ଏଥିପ୍ରତି ଆମକୁ ଧ୍ୟାନ ଆକର୍ଷଣ କରାଇଛନ୍ତି ଯେ ଏହାର ବାସ୍ତବିକତାକୁ ବୁଝ ଯେ ଉପାସନା ଅଲ୍ଲାଃ ତାଲାଙ୍କ ସହିତ ନିଜ ସମ୍ପର୍କ ସ୍ଥାପନ କରି କରାଯାଇଥାଏ ।

*(ମଲ୍‌ଫୁଜାତ୍ ଖଣ୍ଡ-୫, ପୃ-୧୦୭)*

ଏହା ହେଉଛି ଅସଲ କଥା । ଅଲ୍ଲାଃ ତାଲାଙ୍କ ଉପାସନା କର ଏବଂ ଫର୍ଜ (ବାଧ୍ୟତାମୁଳକ କାର୍ଯ୍ୟ) ରୂପେ ଜାଣି ମୁଣ୍ଡରୁ ବୋଝ ଓହ୍ଲାଇ ଦିଅନାହିଁ ବରଂ ଫର୍ଜରେ ନିଜସ୍ୱ ପ୍ରେମ ଭରିଦିଅ ଓ ସେହି ପ୍ରେମରେ ରଙ୍ଗିନ ହୋଇ ଏହି ଉପାସନା କରାଯାଉ । ଯେତେବେଳେ ପ୍ରେମରେ ଲୀନ ହୋଇ ଉପାସନା କରାଯିବ ଓ ସାଂସାରିକ ମାୟାମୋହ / ଉଦ୍ଦେଶ୍ୟ ଶେଷ ହୋଇଯିବ ସେତେବେଳେ ଖୁଦା ପୁଣି ଏପରି ମାଧ୍ୟମରେ ରିଜକ୍ ( ଜୀବିକା) ପ୍ରଦାନ କରିବେ ଯେ ତାହା ମଣିଷର ଚିନ୍ତାର ବାହାର । ଯେମିତି ଅଲ୍ଲାଃ ତାଲା କହୁଛନ୍ତି ଯେ **ୱ ମଇଁ ୟତ୍‌ତକିଲ୍ଲାଃ ୟଜ୍‌ଅଲ୍ ଲହୁ ମଖ୍‌ରଜନ୍ ୱ ୟର୍‌ଜୁକ୍‌ହୁ ମିନ୍ ହଇସୁ ଲା ୟହତ୍‌ସିବ୍** (ତଲାକ:୩,୪) ଅର୍ଥାତ: ଯେମିତି ବ୍ୟକ୍ତି ଅଲ୍ଲାଃଙ୍କୁ ତକ୍‌ୱା (ଅର୍ଥାତ ଭୟ) କରିବ, ଅଲ୍ଲାଃ ତା ପାଇଁ କୌଣସି ନା କୌଣସି ପଥ ଉନ୍ମୁକ୍ତ କରିଦେବେ ଏବଂ ତାକୁ ଏପରି ସ୍ଥାନରୁ ଜୀବିକା ପ୍ରଦାନ କରିବେ ଯେଉଁ ସ୍ଥାନରୁ ଜୀବିକା ଲାଭ କରିବା ସମ୍ବନ୍ଧରେ ସେ ଧାରଣା ମଧ୍ୟ କରିନଥିବ । ହଜରତ ମସିହ ମଉଦ ଆ:ସ ଏହାକୁ ବ୍ୟାଖ୍ୟା କରି କହୁଛନ୍ତି ଯେ ଅବଶ୍ୟ ସମୃଦ୍ଧିର ଆଧାର ହେଉଛି ତକ୍‌ୱା (ଈଶ୍ୱର ଭୟ) । ପୁଣି କହିଲେ ଏହା ବିଲ୍‌କୁଲ୍ ସତ୍ୟ ଯେ ଖୁଦାତାଲା ନିଜ ଭକ୍ତକୁ କଦାପି ନଷ୍ଟ କରନ୍ତି ନାହିଁ ଓ ତାଙ୍କୁ ଅନ୍ୟମାନଙ୍କ ସମ୍ମୁଖରେ ହାତ ପତାଇବାରୁ ସୁରକ୍ଷିତ ରଖିଥାଏ । ପୁଣି କହିଛନ୍ତି ମୋର ତ ଏ ବିଶ୍ୱାସ ରହିଛି ଯେ ଯଦି ଜଣେ ବ୍ୟକ୍ତି ଈଶ୍ୱରପ୍ରେମୀ ଓ ସଚା ମୁତ୍‌ତକି ଥିବ ତେବେ ତା'ର ସାତ ପୁରୁଷ ପାଇଁ ମଧ୍ୟ ଖୁଦା କୃପା ଓ ବୈଭବ ପ୍ରଦାନ କରିଥାନ୍ତି ।

*(ମଲ୍‌ଫୁଜାତ୍ ଖଣ୍ଡ-୫, ପୃ-୨୪୫)*

ଏବଂ ସେମାନଙ୍କର ସୁରକ୍ଷା କରିଥାଏ । କେବଳ ଯଦି କେହି ଦୁର୍ଭାଗ୍ୟ ବସତଃ ନିଜର ଏପରି କର୍ମ ଦ୍ୱାରା ଅଲ୍ଲାଃଙ୍କ କୃପାରୁ ନିଜେ ବଂଚିତ ହେବ । ତାହା ଅଲଗା କଥା । ଆପଣ ଆ:ସ କହୁଛନ୍ତି ଯେ,

''ମନୁଷ୍ୟ ସମସ୍ତ ସାଧନକୁ ଜଳାଇ ଦେଉ କେବଳ ଈଶ୍ୱର ପ୍ରେମର ସାଧନକୁ ରହିବାକୁ ଦେଉ'' । କେବଳ ଗୋଟିଏ ମାଧ୍ୟମ / ସାଧନ ହେଉ, ଗୋଟି ଫାନ୍ଦ ହେଉ, ଗୋଟିଏ ଜରିଆ ହେଉ, ଯାହାଠାରୁ ତୁମେ ସବୁକିଛି ହାସଲ କରିପାରିବ । ଏବଂ ତାହା ହେଉଛି ଈଶ୍ୱର ପ୍ରେମର ଫାନ୍ଦ । ଆପଣ ଆ:ସ କହୁଛନ୍ତି......... ''ସତ୍ୟ ହେଉଛି ଏହା କି ଯିଏ ଖୁଦାଙ୍କର ହୋଇଯାଏ ଖୁଦା ତାଙ୍କର ହୋଇଯାଆନ୍ତି ।'' ପୁଣି କହୁଛନ୍ତି........''ଏପରି ହୋଇଯାଅ ଯେ ତୁମ ଉପରେ ଖୁଦାତାଲାଙ୍କ ବର୍‌କାତ୍ ଏବଂ ତାଙ୍କର କରୁଣା ର ଲକ୍ଷଣ ଅବତୀର୍ଣ ହେବ ।'' ପୁଣି ଆପଣ ଆ:ସ କହୁଛନ୍ତି:....''ଏପରି ବ୍ୟକ୍ତି ଯାହାଙ୍କ ବୟସ ପାଇବାର ଉଦ୍ଦେଶ୍ୟ କେବଳ ଅସ୍ଥାୟି ସଂସାରର ଭୋଗ ବିଳାସକୁ ପ୍ରାପ୍ତ କରିବା, ତେବେ ତା'ର ବୟସ ପାଇବାଟା କଣ ଲାଭ ଦେଇପାରେ ? ଯାହାର ଉଦ୍ଦେଶ୍ୟ ହେଉଛି ଏହା କି ମତେ ଅଧିକ ବୟସ ମିଳୁ ଏବଂ ଏହି ସଂସାରର ସୁଖ ମତେ ମିଳିଯାଉ, ଏଥିରେ କଣ ଲାଭ । ''ଏଥିରେ ଈଶ୍ୱରଙ୍କର ଭାଗ କିଛି ନାହିଁ । ସେ ନିଜ ବୟସର ଉଦ୍ଦେଶ୍ୟ କେବଳ ଭଲ ଖାଇବା ପିଇବା ଏବଂ ମନ ଭରି ସୋଇବା ଏବଂ ସ୍ତ୍ରୀ ପିଲା, ସୁନ୍ଦର ଘର ବା ଘୋଡ଼ା ଇତ୍ୟାଦି ରଖିବା ବା ଉତବ ବଗିଚା ବା ଫସଲ ଆମଦାନୀର ହିଁ ଶେଷ କରିଦିଏ । ସେ ତ କେବଳ ନିଜ ପେଟର ଭକ୍ତ ଓ ଉଦରର ଉପାସକ ।'' ଏପରି ବ୍ୟକ୍ତି ଅଲ୍ଲାଃଙ୍କ ଭକ୍ତି ହୋଇପାରେନା ଓ ତାହାଙ୍କ ଉପାସନାକାରୀ ବୋଲାଏ ନାହିଁ । ବରଂ ସେ ତ କେବଳ ନିଜ ଆବଶ୍ୟକତାର ପୂଜା କରିଥା, । ତା'ର ଉଦ୍ଦେଶ୍ୟ ହେଉଛି ଏହା କି ମୋର ଧନସମ୍ପତି ହୋଇ ମୋର ଜମିବାଡ଼ି ହେଉ, ମୋର ଘର ହେଉ, ମୋ ପାଖରେ ମୋଟର କାର୍ ହେଉ, ପ୍ରଥମେ ଘୋଡ଼ା ରଖାଯାଉଥିଲା, ଘୋଡ଼ାର ଉଦାହରଣ ଦିଆଯାଇଛି । ଆଜିକାଲି କାର୍‌ର ଉଦାହରଣ, ଭଲ ଦାମିକା କାର ହେୁ । ଏହା ତ ଉଦ୍ଦେଶ୍ୟ ନୁହେଁ । ହଁ ଅଲ୍ଲାଃ ତାଲା ବୈଭବ ପ୍ରଦାନ କରିଛନ୍ତି, ସେଥିରୁ ନିଶ୍ଚିତ ରୂପେ ଲାଭ ଉଠାଇବା ଉଚିତ କିନ୍ତୁ ତାହା ଉଦ୍ଦେଶ୍ୟ ନ ହେଉ । ଯଦି କେବଳ ଏହା ହିଁ ଉଦ୍ଦେଶ୍ୟ ତେବେ ପୁଣି କହୁଛନ୍ତି ଯେ ସେ ତ କେବଳ ସେହି ସମସ୍ତ ବସ୍ତୁର ଭକ୍ତ, ସେହି ବସ୍ତୁକୁ ସେ ଉପାସନା କରିଥାଏ । ଏପରି ବ୍ୟକ୍ତି ଅଲ୍ଲାଃ ତାଲାଙ୍କ ଭକ୍ତ ନୁହେଁ ଓ ଅଲ୍ଲାଃଙ୍କ ଉପାସାନାକାରୀ ବୋଲାଏ ନାହିଁ । ବରଂ ସେ ତା ନିଜର ଉଦ୍ଦେଶ୍ୟକୁ ହିଁ ଉପାସନା କରିଥାଏ । ପୁଣି କହୁଛନ୍ତି ''ସେ ତ କେବଳ ତା'ର ଉଦ୍ଦେଶ୍ୟ କାମନା ଓ ପୂଜାର ଅଧିକାରୀ ତା ନିଜ ଅଭିଳାଷା ଓ ପାଶବିକ ଆନନ୍ଦକୁ ହିଁ ବନାଇଛି ।'' ଏହା ତା'ର ଇଛା । ''କିନ୍ତୁ ଖୁଦା ତାଲା ମନୁଷ୍ୟର ମୁଳ ଉଦ୍ଦେଶ୍ୟ କେବଳ ନିଜର ଉପାସନାକୁ ହିଁ ରଖିଛି ।'' ଯେପରି ଅଲ୍ଲାଃ ତାଲା କହୁଛନ୍ତି **''ୱ ମା ଖଲକ୍‌ତୁଲ୍ ଜିନ୍ନା ୱଲ୍ ଇନ୍‌ସା ଇଲ୍ଲାଃ ଲିୟାବୁଦୁନ୍ (ଜାରିୟାତ:୫୭)''** ଅର୍ଥାତ ଆମେ ଜନ୍ନ ଓ ମନୁଷ୍ୟମାନଙ୍କୁ କେବଳ ଆମର ଉପାସନା ସକାଶେ ସୃଷ୍ଟି କରିଅଛୁ । ସୁତରାଂ କହୁଛନ୍ତି ଯେ ''ଏହା ନିଶ୍ଚିତ କରିଦେଉଛି ଯେ କେବଳ ଅଲ୍ଲାଃଙ୍କ ଉପାସନା (ଜୀବନର) ଉଦ୍ଦେଶ୍ୟ ହେବା ଉଚିତ ଏବଂ କେବଳ ଏହି ଉଦ୍ଦେଶ୍ୟ ପାଇଁ ଏହି ସବୁ କାରଖାନା ତିଆରି କରାଯାଇଅଛି । କିନ୍ତୁ ଏହାର ଓଲଟା ଉଦ୍ଦେଶ୍ୟ ଓ ଅଭିଳାଷା ପୋଷଣ କରାଯାଉଅଛି ।

*(ମଲ୍‌ଫୁଜାତ୍ ଖଣ୍ଡ-୫ ପୃ-୨୪୬-୨୪୭)*

କିନ୍ତୁ ହେଉଛି କଣ ? ଏ ପୃଥିବୀର ବର୍ତମାନ ସମ୍ପୁର୍ଣ ରୂପେ ଏହାର ଓଲଟା ହେଉଛି । ଉକ୍ତ ଉଦ୍ଦେଶ୍ୟ ପରିବର୍ତେ ପ୍ରତ୍ୟେକ ମନୁଷ୍ୟର ଅଲଗା ଅଲଗା ଅଭିଳାଷା, ସଂସାରରେ ମାତି ଯାଇଛନ୍ତି, ଆହୁରି କେତେ ମନସ୍କାମନା ରହିଛି । ଏ ଇଛା ମଧ୍ୟ ଅଜବ । ଅଲ୍ଲାଃ ତାଲାଙ୍କୁ ପ୍ରାପ୍ତ କରିବାର ଇଛାଠାରୁ ଅଧିକା ସାଂସାରିକ ଇଛା ବଳିଯାଇଛି । ତେଣୁ ଏକଥା ଆମକୁ ଚିନ୍ତାରେ ପକାଇବା କଥା ଯେ କିପରି ଆମେ ଆମ ଜୀବନର ଉଦ୍ଦେଶ୍ୟକୁ ପ୍ରାପ୍ତ କରିପାରିବା । କେବଳ ଏହି ଅସ୍ଥାୟି ଜୀବନର ଚିନ୍ତା କିରବା ନାହିଁ । ଆମର ଚିନ୍ତାଧାରା, ଆମର ପରିଶ୍ରମ କେବଳ ଏହି ଭୌତିକ ସଂସାରକୁ ହାସଲ କରିବାରେ ଖର୍ଚ୍ଚ ନ ହୋଇଯାଉ ବରଂ ଆମେ ନିଜ ଜୀବନର ଅସଲ ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ନିଜର ସମସ୍ତ ସାମର୍ଥ୍ୟକୁ କାର୍ଯ୍ୟରେ ଲଗାଇବା ବାଲା ହେଉ । ଏହି ଦେଶଗୁଡ଼ଇକୁ ଆସି ଆମେ ଅଲ୍ଲାଃ ତାଲାଙ୍କ କୃପା / କରୁଣା କୁ ହାସଲ କରିବା ପାଇଁ ଚେଷ୍ଟା କରି ତା ୁପାସନାର ହକ୍ (ଅଧିକାର)କୁ ପ୍ରାଦନ କରିବା ହେବା । ଆମର ମନସ୍କାମନା, ଆମର ଅଭିଳାଷା ଆଉ କିଛି ନ ହେଉ ଯେପରି ହଜରତ ମସିହ ମଉଦ ଆ:ସ କହିଛନ୍ତି ବରଂ ଆମେ ଆମର ସୃଷ୍ଟିକର୍ତାଙ୍କୁ ଚିହ୍ନି ନିଜର ଜନ୍ମର ଅଧିକାରକୁ ପ୍ରଦାନ କରିବା ବାଲା ହେବା । ଏବଂ ଏ ଯୁଗରେ ଯେଉଁ ଉଦ୍ଦେଶ୍ୟ ପାଇଁ ଅଲ୍ଲାଃ ତାଲା ହଜରତ ମସିହ ମଉଦ ଆ:ସଙ୍କୁ ପ୍ରେରଣ କରିଛନ୍ତି, ତାହାକୁ ପୂରଣ କରିବା ବାଲା ହେବା । ହଜରତ ମସିହ ମଉଦ ଆ:ସ କହୁଛନ୍ତି:

ମୁଁ ଏଥିପାଇଁ ପ୍ରେରଣ ହୋଇଛି ଯେ ଏତତ୍‌ଦ୍ୱାରା ଇମାନ୍ (ବିଶ୍ୱାସ)କୁ ମଜ୍‌ବୁତ୍ କରିବି, ସୁଦୃଢ଼ କରିବି ଏବଂ ଖୁଦାତାଲାଙ୍କ ଅସ୍ତିତ୍ୱକୁ ଲୋକମାନଙ୍କ ଉପରେ ପ୍ରମାଣିତ କରି ଦେଖାଇବି । କାରଣ ପ୍ରତ୍ୟେକ ଜାତିର ଇମାନି (ବିଶ୍ୱାସର) ଅବସ୍ଥା ଅତ୍ୟନ୍ତ ଦୃବଳ ହୋଇଯାଇଛି । ଆଲମେ ଆଖିରତ୍ (ଅର୍ଥାତ ପରକାଳ) କେବଳ ଏକ କାହାଣୀ ରୂପେ ବିବେଚନା କରାଯାଇଛି । ମୃତ୍ୟୁ ପର ଜୀବନକୁ କେହି ବୁଝୁନାହାନ୍ତି, ଏହାକୁ ଏକ କାହାଣୀ ବୋଲି ଭାବୁଛନ୍ତି (ଯେମିତି) କିଛି ହେବ ନାହିଁ । କହୁଛନ୍ତି ଯେ ପ୍ରତ୍ୟେକ ମନୁଷ୍ୟ ନିଜର କାର୍ଯ୍ୟ ଦ୍ୱାରା ଏକଥା ବତାଉଛି ଯେ ସେ ଯେମିତି ସଂସାର ଉପରେ ବିଶ୍ୱାସ ରଖିଛି ଓ ସାଂସାରିକ ବୈଭବ ଓ ମର୍ଯ୍ୟଦା ଉପରେ ବିଶ୍ୱାସ ରଖିଛି ଓ ଯେମିତି ଏ ସାଂସାରିକ ସାଧନ ଉପରେ ଭରଷା ରଖିଛି, ସେହିପରି ଆସ୍ଥା, ବିଶ୍ୱାସ ଓ ଭରଷା ସେ କଦାପି ଖୁଦାତାଲା ଓ ପରକାଳ ଉପରେ ରଖିନାହିଁ । ମୁହଁରେ କିଛି ଅଲଗା କିନ୍ତୁ ମନରେ ସାଂସାରିକ ପ୍ରେମ ଭରି ରହିଛି । ମୁହଁରେ ଅବଶ୍ୟ ଅଲ୍ଲାଃଙ୍କ ନାମ କିନ୍ତୁ ହୃଦୟରେ ସଂସାରର ମୋହ ଏବଂ ଏହି ମୋହ ମାୟାର / ପ୍ରେମର ପରିପ୍ରକାଶ କର୍ମଦ୍ୱାରା ହେଉଅଛି । ଆପଣ ଆ:ସ କହୁଛନ୍ତି ଯେ, ଇହୁଦୀମାନଙ୍କ ମଧ୍ୟରେ ଈଶ୍ୱରପ୍ରେମ ଶୀତଳ ହୋଇଯାଇଥିଲା । ତେଣୁ ସେ ସମୟରେ ସେମାନଙ୍କୁ ଧର୍ମଆଡ଼କୁ ଟାଣି ଆଣିବା ପାଇଁ ଏବଂ ଖୁଦାଙ୍କ ଆଡ଼କୁ ଆଣିବା ପାଇଁ ମସିହ ଆସିଥିଲେ ଏବଂ ଏବେ ମୋ ଯୁଗରେ ମଧ୍ୟ ଏପରି ଅବସ୍ଥା ସୃଷ୍ଟି ହୋଇଛି । ସୁତରାଂ ମତେ ମଧ୍ୟ ପ୍ରେରଣ କରାଯାଇଛି ଯେ, ଏହାଦ୍ୱାରା ଇମାନ୍‌ର ଯୁଗ ପୁଣି ଚାଲିଆସୁ ଓ ହୃଦୟ ଭିତରେ ତକ୍‌ୱା (ଧର୍ମପରାୟଣତା) ସୃଷ୍ଟି ହେଉ ।

*(କିତାବୁଲ୍ ବରିୟା, ରୁହାନୀ ଖଜାଇନ୍, ଖଣ୍ଡ-୧୩, ପୃ-୨୯୧-୨୯୩ ହାଶିୟା)*

ତେଣୁ ଆଜି ଆମର କାର୍ଯ୍ୟ ହେଉଛି ଏହା କି, ଆପଣ ଆ:ସଙ୍କ ବୟତର ହକ୍‌କୁ ପ୍ରଦାନ କରି ଯେଉଁଠି ନିଜକୁ ଖୁଦାତାଲାଙ୍କ ପ୍ରେମରେ ହଜାଇ ଦେବା ସେଠାରେ ଏକଶ୍ୱରବାଦକୁ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

ପୃଷ୍ଠା- ୧୨ର ଅବଶିଷ୍ଟାଂଶ.....

ସେକ୍ରେଟାରୀ ତାଲିମ୍‌କୁ ନିର୍ଦ୍ଦେଶ ଦେଇ କହିଲେ "ଆପଣ ରିଫ୍ୟୁଜିମାନଙ୍କ ପିଲାମାନଙ୍କୁ ସାହାଯ୍ୟ ମଧ୍ୟ କରିବା ଉଚିତ୍ ଯେ ସେମାନେ କିପରି ଶିକ୍ଷା ହାସଲ କରିବେ । ଯେଉଁମାନଙ୍କ ବୟସ ଅଧିକ ହୋଇଯାଇଛି ଓ ସ୍କୁଲ୍‌ରେ ନାମ ଲେଖାଇପାରିବେ ନାହିଁ ସେମାନଙ୍କର ମାର୍ଗଦର୍ଶନ ହେବା ଉଚିତ୍ ଯେ ସେମାନେ କେଉଁ ଡିପ୍ଲୋମା କରିପାରିବେ ବା କେଉଁ ପ୍ରଫେସନାଲ୍ ସ୍କିଲ୍ ଶିଖିପାରିବେ । ଆପଣ ଉମୁରେ ଆମା ବିଭାଗଠାରୁ ଏପରି ଲୋକମାନଙ୍କର ଡାଟା ହାସଲ କରନ୍ତୁ ଓ ସେମାନଙ୍କର ମାର୍ଗ ଦର୍ଶନ କରନ୍ତୁ । ଯଦି ସେମାନେ ପ୍ଲମ୍ବିଙ୍ଗ୍, ମେକାନିକ୍ ବା ଏହି ପ୍ରକାରର ଅନ୍ୟ କୌଣସି କୌଶଳ ଶିଖିନେବେ ତେବେ ସେମାନଙ୍କ ପାଇଁ କାମ କରିବାର ଅଧିକ ସୁଯୋଗ ମିଳିବ ନଚେତ୍ ସେମାନେ ଉବେର ଟାକ୍‌ସି ଚଳାଇବା ଆରମ୍ଭ କରିଦେଉଛନ୍ତି । ଜଣାନାହିଁ କେତେଦିନ ପର୍ଯ୍ୟନ୍ତ ଉବେର୍ ଚାଲିବ । ତା ଉପରେ ତ କେସ୍ ଚାଲିଛି । ଜଣାନାହିଁ କେତେ ସମୟ ପର୍ଯ୍ୟନ୍ତ ଏହି କମ୍ପାନୀ ସ୍ଥାୟୀ ରହିବ । ତେଣୁ ଉବେର ବ୍ୟତୀତ ଆହୁରି ବି ଅନ୍ୟ ସାଧନ ରହିବା ଉଚିତ୍ । ସେକ୍ରେଟାରୀ ସନ୍‌ଅତ୍ ଓ୍ୱ ତିଜାରତ୍‌କୁ ମଧ୍ୟ ଏ ସମ୍ବନ୍ଧରେ ନିରୀକ୍ଷଣ କରିବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେକ୍ରେଟାରୀ ଉମୁରେ ଆମାଙ୍କୁ ନିର୍ଦ୍ଦେଶ ଦେଇ କହିଲେ:- ମହିଳାମାନଙ୍କ ତରଫରୁ ଅଭିଯୋଗ ବଢ଼ିଚାଲିଛି ଯେ ଯେଉଁ ଜମାତ୍‌ର ବିଭାଗ ଗୁଡିକରେ ପୁରୁଷମାନେ କାମ କରୁଛନ୍ତି ସେମାନେ ପୁରୁଷମାନଙ୍କ ସପକ୍ଷରେ ଅଛନ୍ତି ଓ ମହିଳାମାନଙ୍କ ଅଧିକାରକୁ ଦେଖୁନାହାଁନ୍ତି । ଏହିପରି ଅଭିଯୋଗକୁ ମଧ୍ୟ ଦୂର କରନ୍ତୁ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ନ୍ୟାସ୍‌ନାଲ୍ ସେକ୍ରେଟାରୀ ଜିୟାଫତ୍ କହିଲେ ଯେ ଜୁମା ଦିନ ଜିଆଫତ୍ ବିଭାଗ ୮ହଜାର ଅତିଥିମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିଥିଲା ଓ ଲୋକମାନେ ଏହି ଖାଦ୍ୟକୁ ପସନ୍ଦ ମଧ୍ୟ କରିଛନ୍ତି । ଖାଦ୍ୟ ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଯାଇଥିଲା କିନ୍ତୁ ବର୍ଷା ଯୋଗୁ ଟେଂଟ୍ ଭିତରେ ବହୁତ କାଦୁଅ ହୋଇଯାଇଥିଲା । ସେଥିପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଲା । କିନ୍ତୁ ଅଲହମ୍‌ଦୋଲିଲ୍ଲାଃ ଏ ପ୍ରସଙ୍ଗରେ ଅତିଥିମାନଙ୍କ ତରଫରୁ କୌଣସି ପ୍ରକାରର ଅଭିଯୋଗ ମିଳିନାହିଁ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନ୍ୟାସ୍‌ନାଲ୍ ସେକ୍ରେଟାରୀ ମାଲ୍‌ଙ୍କୁ ପଚାରିଲେ ଯେ ଯେଉଁ ଲୋକମାନେ ଚାନ୍ଦା ଦେଉଛନ୍ତି ସେହି ଦୃଷ୍ଟିକୋଣରୁ ସେମାନଙ୍କର Per Capita କେତେ ହେଉଛି ? ଏଥିରେ ସେକ୍ରେଟାରୀ ମାଲ୍ କହିଲେ ଯେ ଯେଉଁ ଲୋକମାନେ ଓ୍ୱସିୟତ୍ ଚାନ୍ଦା ପ୍ରଦାନ କରିଛନ୍ତି ସେମାନଙ୍କ ହିସାବରେ ଆମଦାନୀ ୪୭ ହଜାର ଡଲାର୍ ବାର୍ଷିକ ହେଉଛି ଏବଂ ଯେଉଁ ଲୋକମାନେ ଚାନ୍ଦା ଆମ୍ ଦେଉଛନ୍ତି ସେମାନଙ୍କର ଇନ୍‌କମ୍ ୧୫୧୮ ଡଲାର୍ ମାସିକ ହୋଇଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ମାଲ୍ ବତାଇଲେ ଯେ ଆମେରିକାରେ ପ୍ରତି ରାଜ୍ୟ ଅନୁସାରେ ହାରାହାରି ଦରମା ଅଲଗା ଅଲଗା ହୋଇଥାଏ । କିନ୍ତୁ ସାଧାରଣତଃ ୩୨ ରୁ ୬୦ ହଜାର ଡଲାର୍ ବାର୍ଷିକ ଦରମା ରହିଥାଏ । ଏହିପରି ଜଣେ ସାଧାରଣ ମଜୁରିଆ ଘଂଟାକୁ ୧୫ ଡଲାର ରୋଜଗାର କରିଥାଏ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଯଦି ୧୫ ଡଲାର ପ୍ରତି ଘଂଟାର ମଜୁରୀ ତେବେ ସପ୍ତାହରେ ୪୦ ଘଂଟା ଓ ତା ଅନୁସାରେ ବାର୍ଷିକ ଦରମା ଉଣାଅଧିକେ ୩୦ ହଜାର ଡଲାର ହେଉଛି କିନ୍ତୁ ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ଓ୍ୱସିୟତ୍ କରିନାହାଁନ୍ତି ସେମାନଙ୍କର ଇନ୍‌କମ୍ ୧୫ ରୁ ୧୮ ହଜାର ଡଲାର୍ ବାର୍ଷିକ ହୋଇଥାଏ ଯାହା ଅସଲ ଆମଦାନୀର ଅଧା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- କେତେକ ଟାକ୍‌ସି ଡ୍ରାଇଭର୍ ଅଛନ୍ତି ଯେଉଁମାନେ ନିଜର ଅସଲ ଆମଦାନୀ ମୁତାବକ ଚାନ୍ଦା ପଇଠ କରୁଛନ୍ତି । ଆପଣ ସେମାନଙ୍କ ଚାନ୍ଦାରୁ ହିସାବ କରିପାରିବେ ଯେ ସେମାନଙ୍କର ମାସିକ ଓ ସାପ୍ତାହିକ ରୋଜଗାର କଣ । ଏହାର ଆଧାରରେ ଆପଣ ଅନ୍ୟମାନଙ୍କୁ କହିପାରିବେ ଯେ ଆପଣମାନେ ନିଜର ଇନ୍‌କମ୍‌କୁ ବଢ଼ାନ୍ତୁ । ସେହିପରି ସ୍ଥାନୀୟ ଜମାତ୍‌ର ସେକ୍ରେଟାରୀ ମାଲ୍‌ଙ୍କୁ କୁହନ୍ତୁ ଯେ ସେମାନେ ଏହି କାର୍ଯ୍ୟକୁ ସମ୍ପାଦନ କରନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଚାରିଲେ ଯେ ଆପଣ ନିଜର ବଜେଟ୍ କିପରି ପ୍ରସ୍ତୁତ କରୁଛନ୍ତି ? କଣ ସ୍ଥାନୀୟ ସେକ୍ରେଟାରୀ ମାଲ୍ ଘର ଘର ବୁଲି ବଜେଟ୍ ଲେଖୁଛନ୍ତି ? ଏଥିରେ ସେକ୍ରେଟାରୀ ମାଲ୍ କହିଲେ ଯେ ଆମେ ସେକ୍ରେଟାରୀ ମାଲ୍‌ମାନଙ୍କୁ ଏହି କଥା କହୁଛୁ ଯେ ସେମାନେ ପ୍ରତ୍ୟେକ ସଦସ୍ୟଙ୍କ ସହିତ ଯୋଗାଯୋଗ କରି ବଜେଟ୍ ଲେଖାନ୍ତୁ । କିନ୍ତୁ ସେମାନେ ପ୍ରତ୍ୟେକ ମେମ୍ବରଙ୍କ ନିକଟକୁ ଯାଉନାହାଁନ୍ତି । ତେଣୁ ଯେତେବେଳେ ଆମକୁ ବଜେଟ୍ ମିଳୁଛି ସେତେବେଳେ ଆମେ ବିଗତ ବର୍ଷର ବଜେଟ୍ ସହିତ ସମୀକରଣ କରିନେଉଛୁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହା ସଠିକ୍ ଉପାୟ ନୁହେଁ ଏବଂ ଏହାଦ୍ୱାରା ସଠିକ୍ ହିସାବ ମିଳିନଥାଏ । ପ୍ରତ୍ୟେକଙ୍କ ସହିତ ବ୍ୟକ୍ତିଗତ ଯୋଗାଯୋଗ ରହିବା ଉଚିତ୍ ।

ତା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନ୍ୟାସ୍‌ନାଲ୍ ସେକ୍ରେଟାରୀ ଓ୍ୱସାୟାଙ୍କ ଠାରୁ ପଚାରି ବୁଝିଲେ ଯେ କଣ ଆପଣ ଇନ୍‌କମ୍ କରୁଥିବା ସଦସ୍ୟମାନଙ୍କର ମଧ୍ୟରୁ ପଚାଶ ପ୍ରତିଶତ ଓ୍ୱସିୟତ୍ ଟାର୍ଗେଟ୍ ସମ୍ପୂର୍ଣ୍ଣ କରିସାରିଛନ୍ତି କି? ଏଥିରେ ସେକ୍ରେଟାରୀ ଓ୍ୱସିୟତ୍ କହିଲେ ଯେ ଏବେ ଆମେ ନିଜ ଟାର୍ଗେଟ୍‌ର ପଛରେ ରହିଛୁ । ଏପର୍ଯ୍ୟନ୍ତ ୨୮ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି । ଏଥିରେ ହଜୁର୍ ଅନୁଓ୍ୱର ଅ:ବ:ଅ କହିଲେ ଯଦି ଆପଣ ମୁସି ମାନଙ୍କ ସଂଖ୍ୟାରେ ବୃଦ୍ଧି କରିନେବେ ସେତେବେଳେ ଆପଣମାନଙ୍କ ମଧ୍ୟରୁ ଅସଲ ଆମଦାନୀରେ ଚାନ୍ଦା ନ ଦେଉଥିବା ଲୋକମାନଙ୍କର ସଂଖ୍ୟା କେତେକାଂଶରେ ଦୂର ହୋଇଯିବ ।

ସେକ୍ରେଟାରୀ ଓ୍ୱସିୟତ୍ କହିଲେ ଯେ ଆମେ ଯା ଉପରେ କାମ କରୁଅଛୁ । ତେଣୁ ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରେ ପ୍ରାର୍ଥନା କରିବା ପାଇଁ ନିବେଦନ କରୁଅଛୁ । କେତେକ ଜମାତ୍ ଏହି ଟାର୍ଗେଟ୍‌କୁ ହାସଲ କରିସାରିଛନ୍ତି କିନ୍ତୁ କେତେକ ଜମାତ୍ ଏପର୍ଯ୍ୟନ୍ତ ପଛରେ ଅଛନ୍ତି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି ପଚାରିଲେ ଯେ କଣ ଆପଣଙ୍କ ସ୍ଥାନୀୟ ସେକ୍ରେଟାରୀ ଓ୍ୱସିୟତ୍‌ମାନେ ଆକ୍ଟିଭ୍ ନାହାଁନ୍ତି ? କଣ ଆପଣ ସେମାନଙ୍କ ପାଇଁ କୌଣସି ରିଫ୍ରେସର୍ କୋର୍ସ୍ କରାଇ ନାହାଁନ୍ତି ବା ସେମାନଙ୍କଠାରୁ ପଚାରି ବୁଝୁନାହାଁନ୍ତି ଯେ ସେମାନେ କେଉଁ ପ୍ରକାରର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ? ଏଥିରେ ସେକ୍ରେଟାରୀ ଓ୍ୱସିୟତ୍ କହିଲେ ଯେ ସବୁଠାରୁ ବଡ ଅସୁବିଧା ଯାହାକୁ ଆମେ ସମ୍ମୁଖୀନ ହେଉଛୁ ତାହା ହେଉଛି ଏହା କି ଯୁବକମାନେ କହୁଛନ୍ତି ଯେ ଏବେ ଆମର ତକ୍‌ଓ୍ୱାର ସ୍ତର ଏପରି ନାହିଁ ତେଣୁ ଆମେ ଓ୍ୱସିୟତ୍ କରିପାରିବୁ ନାହିଁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଏହା ତ କେବଳ ବାହାନା ଅଟେ । ଏ ସନ୍ଦର୍ଭରେ ମୁଁ ଗୋଟିଏ ଖୁତ୍‌ବା ମଧ୍ୟ ଦେଇଥିଲି କି ଯଦି ଆପଣମାନେ ଓ୍ୱସିୟତ୍ କରିବେ ତେବେ ଅଲ୍ଲାଃତାଲା ଆପଣମାନଙ୍କ ତକ୍‌ଓ୍ୱାର ସ୍ତରକୁ ବଢ଼ାଇବାର ସୌଭାଗ୍ୟ ପ୍ରଦାନ କରିବେ । ଏହିଭଳି ଲୋକମାନଙ୍କ ନିକଟକୁ ଉକ୍ତ ଖୁତ୍‌ବାର ସର୍କୁଲର୍ ପଠାନ୍ତୁ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ଜର୍ମାନୀ ହେଉଛି ବହୁତ ବଡ ଜମାତ୍ । ସେମାନେ ଏହି ଟାର୍ଗେଟ୍‌କୁ ହାସଲ କରିସାରିଛନ୍ତି । ସେହିପରି ୟୁ.କେ ମଧ୍ୟ ନିଜର ଟାର୍ଗେଟର୍ ନିକଟତର ହୋଇଗଲାଣି ।

ଏହାପରେ ଏଡିସିନାଲ୍ ସେକ୍ରେଟାରୀ ମାଲ୍ କହିଲେ ଯେ ମୁଁ ଫାଇନାନ୍‌ସ୍ ଟିମ୍ ସହିତ କାମ କରୁଛି ଯାହାର ଦଶଜଣ ସଦସ୍ୟ ଅଛନ୍ତି ଓ ପ୍ରତ୍ୟେକ ସଦସ୍ୟ ଦଶଟି ଲେଖାଏଁ ଜମାତ୍‌ର ଦାୟିତ୍ୱ ବୁଝୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେକ୍ରେଟାରୀ ମାଲ୍‌ଙ୍କୁ ସମ୍ବୋଧନ କରି କହିଲେ ଯେ ଯେଉଁ ଲୋକମାନେ ନିଜର ଅସଲ ଆମଦାନୀ ଅନୁସାରେ ଚାନ୍ଦା ପଇଠ କରୁନାହାଁନ୍ତି ସେମାନଙ୍କ ପାଇଁ କୌଣସି ଯୋଜନା ପ୍ରସ୍ତୁତ କରନ୍ତୁ । ଯଦି ସେମାନେ କୌଣସି କାରଣ ବଶତଃ ଅସଲ ଆମଦାନୀ ଅନୁସାରେ ଚାନ୍ଦା ପଇଠ କରିପାରୁନାହାଁନ୍ତି ତେବେ ସେମାନେ ନିୟମିତ ଲେଖି ରିହାତି ନେଇ ନିଅନ୍ତୁ । ଏ ପ୍ରସଙ୍ଗରେ ମୁରବୀମାନଙ୍କଠାରୁ ମଧ୍ୟ ସାହାଯ୍ୟ ଲୋଡନ୍ତୁ । କେତେକ ମୁବଲ୍ଲିଗ୍ ମୋତେ ବତାଇଛନ୍ତି ଯେ ଯେତେବେଳେ ଆମେ ଲୋକମାନଙ୍କୁ ବା କିଛି ଓ୍ୱହ୍‌ଦାଦାର୍‌ମାନଙ୍କୁ ଚାନ୍ଦା ପଇଠ କରିବା ସମ୍ବନ୍ଧରେ କହିଥାଉ ସେତେବେଳେ ସେମାନଙ୍କର ଏ ଉତର ହୋଇଥାଏ କି ଆପଣଙ୍କ ନିକଟରେ ମାଲି ମାମଲାତ୍‌ରେ ହସ୍ତକ୍ଷେପ କରିବାର ଅଧିକାର ନାହିଁ । ଯେବେ କି ଏହା ତ ମାଲି ମାମ୍‌ଲାତ୍‌ରେ ହସ୍ତକ୍ଷେପ ନୁହେଁ, ସେମାନେ ତ କେବଳ ଚାନ୍ଦା ଅସୁଲ୍ କରିବା ପାଇଁ ସାହାଯ୍ୟ କରିଥାନ୍ତି ।

ସେକ୍ରେଟାରୀ ମାଲ୍ କହିଲେ ଯେ ଆମେ କେତେକ ବୟୋଜ୍ୟେଷ୍ଠ ଲୋକଙ୍କ ଦାୟିତ୍ୱରେ କେତେକ ଜମାତ୍‌କୁ ଲଗାଇଛୁ । ଯଦ୍ୱାରା ସେମାନେ ସେଠାକୁ ଯାଇ ଲୋକମାନଙ୍କ ସହିତ ଯୋଗାଯୋଗ କରିବେ ଓ ଏ ପ୍ରସଙ୍ଗରେ କାମ କରିବେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କିନ୍ତୁ ଏକଥାକୁ ନିଶ୍ଚିତ କରାଇ ନିଅନ୍ତୁ ଯେ ଯେଉଁମାନଙ୍କୁ ସେହି ଜମାତ୍‌କୁ ପଠାଇବେ ସେମାନଙ୍କ ନିଜର ଚାନ୍ଦା ଅସଲ ଆମଦାନୀ ମୁତାବକ ହୋଇଥିବ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନ୍ୟାସ୍‌ନାଲ୍ ସେକ୍ରେଟାରୀ ତାଲିମୁଲ୍ କୁର୍‌ଆନ୍‌ଙ୍କୁ ସମ୍ବୋଧନ କରି କହିଲେ ଯେ ମୋତେ ଆମେରିକାରୁ କେତେ ଲୋକମାନଙ୍କଠାରୁ ଓ ବିଶେଷ ରୂପେ ମହିଳାମାନଙ୍କର ଚିଠି ମିଳୁଛି ଯେ ଯେବେଠାରୁ ଆମେ ଟଙ୍କା ଦେଇ ନିଜ ପିଲାମାନଙ୍କ କ୍ଲାସ୍ ବନ୍ଦ୍ କରାଇଛୁ ସେବେଠାରୁ ଆମକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି କିନ୍ତୁ ଏବେ ତ ରବ୍‌ଓ୍ୱାରେ ନେଜାରତ୍ ତାଲିମ୍ ତରଫରୁ ଏହି କ୍ଲାସ୍ ଆରମ୍ଭ କରାଯାଇଛି । ଏହି କ୍ଲାସ୍‌ରେ ଛାତ୍ରଛାତ୍ରୀମାନଙ୍କର ବହୁ ମାତ୍ରାରେ ଅଭିବୃଦ୍ଧି ହୋଇଛି ଓ ଛାତ୍ରମାନଙ୍କର ସଂଖ୍ୟା ଏବେ ଦୁଇହଜାର ପର୍ଯ୍ୟନ୍ତ ପହଂଚିଲାଣି ।

ସେକ୍ରେଟାରୀ ତାଲିମୁଲ୍ କୁର୍‌ଆନ୍ କହିଲେ ଯେ ରବ୍‌ଓ୍ୱାର କ୍ଲାସ୍‌ରେ ମଧ୍ୟ ୧୦୭ଜଣ ଛାତ୍ର ରେଜିଷ୍ଟ୍ରେଡ୍ ହୋଇଛନ୍ତି କିନ୍ତୁ ଆମେ ମଧ୍ୟ ଅନ୍‌ଲାଇନ୍ କ୍ଲାସ୍ ଆରମ୍ଭ କରିଛୁ ଯେଉଁଥିରେ ୧୨୪୦ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ପଢ଼ାଇବା ପାଇଁ ୧୪୬ଜଣ ମହିଳା ଶିକ୍ଷୟତ୍ରୀ ଏବଂ ୧୧ଜଣ ପୁରୁଷ ଶିକ୍ଷକ ଅଛନ୍ତି । ଏହି ସମସ୍ତ ଶିକ୍ଷକମାନଙ୍କୁ ରବ୍‌ଓ୍ୱାରୁ ଆପ୍ରୁଭ୍ କରାଯାଇଛି ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ନ୍ୟାସ୍‌ନାଲ୍ ସେକ୍ରେଟାରୀ ତେହ୍‌ରିକ୍ ଯଦିଦ୍ କହିଲେ ଯେ ଆମେ ପଛବର୍ଷ ତେହ୍‌ରିକ୍ ଯଦିଦ୍‌ରେ ସାମିଲ୍ ହୋଇଥିବା ଲୋକମାନଙ୍କର ସଂଖ୍ୟା ଏବଂ ବଜେଟ୍ ଦୁଇଟାଯାକ ଟାର୍ଗେଟ୍ ସମ୍ପୂର୍ଣ୍ଣ କରିଦେଇଛୁ । ପଛବର୍ଷ ତେହ୍‌ରିକେ ଯଦିଦ୍‌ରେ ଭାଗ ନେଇଥିବା ଲୋକମାନଙ୍କର ସଂଖ୍ୟା ୧୩୦୦୦ ଥିଲା । ଯେବେ କି ଏ ବର୍ଷ ଏହି ସଂଖ୍ୟା ୧୪୪୦୦ ହୋଇଯାଇଛି । ଆମର ଉସୁଲି ୨.୨୨ ମିଲିୟନ୍ ଡଲାର ଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ କେବଳ ଦୁଇଲକ୍ଷ ଡଲାର ତ ପାକିସ୍ତାନ୍‌ରେ କେବଳ ଲଜ୍‌ନା ଇମାଇଲ୍ଲାଃ ରବ୍‌ଓ୍ୱା ପଇଠ କରିଛି ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ନ୍ୟାସ୍‌ନାଲ୍ ସେକ୍ରେଟାରୀ ଓ୍ୱକ୍‌ଫେ ଯଦିଦ୍ କହିଲେ ଯେ ଓ୍ୱକ୍‌ଫେ ଯଦିଦ୍‌ରେ ସାମିଲ୍ ହୋଇଥିବା ଲୋକମାନଙ୍କ

ସଂଖ୍ୟାର ଦୃଷ୍ଟିକୋଣରୁ ବିଗତ ବର୍ଷ ଆମର ଟାର୍ଗେଟ୍ ୧୩ହଜାର ଥିଲା । କିନ୍ତୁ ୧୨୦୭୪ ସାମିଲ୍ ହୋଇଥିଲେ । ଆମେ ଟାର୍ଗେଟ୍‌ରୁ କିଛି ପଛକୁ ରହିଯାଇଥିଲୁ । କିନ୍ତୁ ଏବର୍ଷ ଇନ୍‌ଶାଅଲ୍ଲାଃ ଆମେ ୧୩ ହଜାର ଟାର୍ଗେଟ୍ ହାସଲ କରିନେବୁ ।

ଏହାପରେ ହଜୁର୍ ଅନୁୱ୍ୱର୍ ଅ:ବ:ଅଙ୍କ ପଚାରିବାରେ ଆଡିସିନାଲ୍ ସେକ୍ରେଟାରୀ ତର୍‌ବିୟତ୍ ନୌମୁବାଇନ୍ କହିଲେ ଯେ ବିଗତ ତିନିବର୍ଷରେ ନୌମୁବାଇନ୍‌ଙ୍କର ସଂଖ୍ୟା ହେଉଛି ୩୮୫ । ସେକ୍ରେଟାରୀ ତର୍‌ବିୟତ୍ ନୌମୁବାଇନ୍ ୟୁ.କେଙ୍କ ତରଫରୁ ଛପାଯାଇଥିବା ସିଲାବସ୍‌କୁ ଆମେ ବ୍ୟବହାର କରିଅଛୁ ଯେଉଁଥିରେ ନମାଜ ଶିକ୍ଷା ଇତ୍ୟାଦି ସାମିଲ୍ ରହିଛି ।

ହଜୁର୍ ଅନୁୱ୍ୱର୍‌ଙ୍କ ପଚାରିବାରେ ଆମେଲାର ଜଣେ ସଦସ୍ୟ କହିଲେ ଯେ ବିଗତ ତିନିବର୍ଷରେ ନୌମୁବାଇନ୍‌ଙ୍କ ସଂଖ୍ୟା ୩୮୫ ହୋଇଛି । କିନ୍ତୁ ୨୧୦ ଜଣଙ୍କୁ AIMS Card ଇସୁ ହୋଇଛି । ଏଥିରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ଯେ ଏହାର ଅର୍ଥ ହେଉଛି ୨୧୦ଜଣ ନୌମୁବାଇନ୍ ମେନ୍‌ଷ୍ଟ୍ରିମ୍ (ମୂଖ୍ୟଧାରା)ର ଅଂଶ ହୋଇଛନ୍ତି ।

ହଜୁର୍ ଅନୁୱ୍ୱର୍‌ଙ୍କ ପଚାରିବାରେ ଆଡିସିନାଲ୍ ସେକ୍ରେଟାରୀ ତର୍‌ବିୟତ୍ ନୌମୁବାଇନ୍ କହିଲେ ଯେ ନୌମୁବାଇନ୍ ମାନଙ୍କର ସମ୍ବନ୍ଧ ଭିନ୍ନ ଭିନ୍ନ ଜାତି ସହିତ ରହିଛି । ଆଫ୍ରିକୀୟ ଏବଂ ଆଫ୍ରିକୀୟ ଆମେରିକିୟଙ୍କ ସଂଖ୍ୟା ୮୩, ଆମେରିକୀୟଙ୍କ ସଂଖ୍ୟା ୨, କୌକାସିଆନ୍‌ର ସଂଖ୍ୟା ୫୫, ଏସିଆନ୍ ୩୨, ହସ୍‌ପାନୁୱ୍ୱି ୪୮ ଏବଂ ବଙ୍ଗଳାଦେଶୀ ହେଉଛନ୍ତି ୧୧ଜଣ । ଏତଦ୍‌ବ୍ୟତୀତ ଚାରିଜଣ କ୍ୟାରିବିୟାନ୍ ଓ ପ୍ୟାସିଫିକ୍ ଆଇଲାଣ୍ଡ୍‌ରୁ ଦଶଜଣ, ମିଡିଲ୍ ଇଷ୍ଟ୍‌ରୁ ଚାରିଜଣ ଏବଂ ୬୭ଜଣ ହେଉଛନ୍ତି ପାକିସ୍ତାନୀ । ହଜୁର୍ ଅନୁୱ୍ୱର୍ ଅ:ବ:ଅ ପୁଣି କହିଲେ ଏକଥା ନିଶ୍ଚିତ କରନ୍ତୁ ଯେ ପ୍ରତ୍ୟେକ ନୌମୁବାଏକୁ ସୁରଃ ଫାତିହା ଓ ଏହାର ଅନୁବାଦ ଆସୁଥିବ ।

ଏହାପରେ ହଜୁର୍ ଅନୁୱ୍ୱର୍ ଅ:ବ:ଅଙ୍କ ପଚାରିବାରେ ନ୍ୟାସ୍‌ନାଲ୍ ସେକ୍ରେଟାରୀ ୱ୍କଫେ ନୌ କହିଲେ ଯେ ୱ୍ୱାକିଫିନେ ନୌଙ୍କର ମୋଟ ସଂଖ୍ୟା ହେଉଛି ୧୩୮୫, ସେଥି ମଧ୍ୟରୁ ୭୭୪ଜଣ ପୁଅ ଏବଂ ୬୧୧ଜଣ ଝିଅ ଅଛନ୍ତି । ବୟସ ଅନୁପାତରେ ୧୫ରୁ୧୮ ବର୍ଷ ବୟସର ୱ୍ୱାକିଫିନ୍ ହେଉଛନ୍ତି ୪୩୨ ଏବଂ ୧୮ ବର୍ଷରୁ ଉପରକୁ ଥିବା ୱ୍ୱାକିଫିନ୍‌ମାନଙ୍କର ସଂଖ୍ୟା ହେଉଛି ୩୪୫ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ୱ୍କଫେ ନୌ କହିଲେ ଯେ ୩୨୭ଜଣ ୱ୍ୱାକିଫିନ୍ ତଜ୍‌ଦିଦେ ୱ୍କଫ୍ (ୱ୍କଫ୍ କରିବାର ସମର୍ଥନ) କରିଛନ୍ତି । ସେମାନଙ୍କ ମଧ୍ୟରୁ ଚାରିଜଣ ୱ୍ୱାକିଫିନ୍ ଜମାତ୍‌ର ବିଭିନ୍ନ ବିଭାଗ ଗୁଡିକରେ କାର୍ଯ୍ୟ କରୁଛନ୍ତି । ଯେବେ କି ୭ଜଣ ୱ୍ୱାକିଫିନ୍ ମୁବଲିଗ୍ ରୂପେ କାର୍ଯ୍ୟ କରୁଛନ୍ତି ।

ଏହାପରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ ସେକ୍ରେଟାରୀ ଜରାଅତ୍ (କୃଷିବିଭାଗ)ଙ୍କ ଠାରୁ ପଚାରି ବୁଝିଲେ ଯେ ଆପଣଙ୍କର ଜରାଅତ୍ ବିଭାଗ ସହିତ କୌଣସି ସମ୍ପର୍କ ଅଛି କି ନାହିଁ ? ଏଥିରେ ସେକ୍ରେଟାରୀ ଜରାଅତ୍ କହିଲେ ଯେ ମୁଁ କଲମ୍ବସ୍ ଜମାତ୍‌ରେ ତିନିବର୍ଷ ପର୍ଯ୍ୟନ୍ତ ସେକ୍ରେଟାରୀ ଜରାଅତ୍ ରୂପେ କାର୍ଯ୍ୟ କରିଛି । ଏତଦ୍‌ଭିନ୍ନ ମୋର ଜରାଅତ୍ ପେଶା ସହିତ କୌଣସି ବିଶେଷ ସମ୍ପର୍କ ନାହିଁ । କିନ୍ତୁ ମୁଁ କିଛି କଥା ଚିନ୍ତା କରିଛି ଯେ ତାହା କରାଯାଇପାରିବ । ଏଥିରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ଯଦି ଆପଣଙ୍କ ମୁଣ୍ଡରେ କିଛି ଯୋଜନା ରହିଛି ତେବେ ତାହା ମୋତେ ଲେଖି କରି ପଠାନ୍ତୁ । ଯୋଜନା ସିଧାସାଧା ହେବା ଉଚିତ୍ ।

ଏହାପରେ ହଜୁର୍ ଅନୁୱ୍ୱର୍ ଅ:ବ:ଅଙ୍କ ପଚାରିବାରେ ମୁହାସିବ୍ ରିପୋଟ୍ ଉପସ୍ଥାପନ କରି କହିଲେ ଯେ ମୁଁ ସବୁ ଷ୍ଟେଟ୍‌ମେଂଟ୍‌ସ୍‌କୁ ପ୍ରସ୍ତୁତ କରି ସେକ୍ରେଟେରିମାଲ୍‌ଙ୍କୁ ଦେଇ ଦେଉଛି ।

ଏହାପରେ ହଜୁର୍ ଅନୁୱ୍ୱର୍ ଅ:ବ:ଅଙ୍କ ପଚାରିବାରେ ଅମୀନ୍ କହିଲେ ଯେ ବ୍ୟାଙ୍କ୍ ସହିତ କରାଯାଉଥିବା ଟ୍ରାନ୍‌ଜାକ୍‌ସନ୍‌କୁ ମୁଁ ଦେଖିଥାଏ ଯେ ଖର୍ଚ୍ଚର ରିପୋର୍ଟ୍ ମୁତାବକ ଅର୍ଥ ବାହାର କରାଯାଉଛି କି ନାହିଁ ।

ଏହାପରେ ହଜୁର୍ ଅନୁୱ୍ୱର୍ ଅ:ବ:ଅଙ୍କ ପଚାରିବାରେ ଇଂଟର୍‌ନାଲ୍ ଅଡିଟର୍ ବତାଇଲେ ଯେ ସେ ତିନିମାସରେ ଥରେ ଅଡିଟ୍ କରୁଛନ୍ତି । ସେଥିରେ ଖର୍ଚ୍ଚ ଓ ରସିଦ୍ ଇତ୍ୟାଦି ଚେକ୍ କରୁଛି । ହଜୁର୍ ଅନୁୱ୍ୱର୍ ଅ:ବ:ଅ ପୁଣି ପଚାରିଲେ ଯେ ଯଦି କୌଣସି ବିଭାଗ ନିଜର ଧାର୍ଯ୍ୟ ହୋଇଥିବା ବଜେଟ୍‌ରୁ ଅଧିକା ଖର୍ଚ୍ଚ କରେ ତେବେ ତା ପାଇଁ କଣ କରୁଛ ? ଇଂଟର୍‌ନାଲ୍ ଅଡିଟର୍ କହିଲେ ଯେ ମୁଁ ପୁଣି ଅବସ୍ଥା ମୁତାବକ ଏହା ଦେଖିଥାଏ ଯେ ଯଦି ପ୍ରକୃତରେ କୌଣସି ଆବଶ୍ୟକ ମୁତାବକ ଖର୍ଚ୍ଚ କରାଯାଇଛି ତେବେ ଠିକ୍ ଅଛି ।

ଏଥିରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ଆପଣ ଅଧିକା ଖର୍ଚ୍ଚ କରିବାର ଅନୁମତି ଦେଇପାରିବେ ନାହିଁ । ଯଦି କୌଣସି ବିଭାଗ ନିଜ ଲିମିଟ୍‌ରୁ ଅଧିକ ଖର୍ଚ୍ଚ କରେ ତେବେ ଆପଣଙ୍କୁ ଏହା ଆବଶ୍ୟକ ଯେ ଏ ବିଷୟରେ ଅମୀର୍ ସାହେବ୍‌ଙ୍କୁ ଅବଗତ କରନ୍ତୁ । ଫଳତଃ ସେ ଏ ମାମଲାକୁ ମଜ୍‌ଲିସ୍ ଆମଲାରେ ରଖିବେ ଓ ପୁଣି ଆମେଲା ଏହା ଉପରେ ନିଜର ସୁପାରିଶ୍ କରି ମର୍କଜ୍ ପଠାଇବେ ଓ ପୁଣି ମର୍କଜ୍‌ରୁ ଧାର୍ଯ୍ୟ ମଞ୍ଜୁରୀ ଆସିବା ପରେ ଏହି ଖର୍ଚ୍ଚ କରାଯିବ । ଆପଣଙ୍କୁ ଆବଶ୍ୟକ କି ଜଣେ ଇଂଟର୍‌ନାଲ୍ ଅଡିଟର୍ ହେବା ଦୃଷ୍ଟି କୋଣରୁ ଖର୍ଚ୍ଚକୁ ସଠିକ୍ ରୂପେ ଓ ଭୀଷଣ ରୂପେ ଯାଂଚ୍ ପଡତାଳ କରନ୍ତୁ । ଯଦି ଆପଣ ଦେଖୁଛନ୍ତି ଯେ କୌଣସି ଜିନିଷ ନିଜର ଧାର୍ଯ୍ୟ ବଜେଟ୍‌ଠାରୁ ଅଧିକ ନିଆଯାଇଛି ଅଥବା କୌଣସି ବିଭାଗ ଧାର୍ଯ୍ୟ ବଜେଟ୍‌ଠାରୁ ଅଧିକ ଖର୍ଚ୍ଚ କରୁଅଛି ତେବେ ଆପଣ ଏହାକୁ ରୋକି ଦିଅନ୍ତୁ । ଆପଣଙ୍କ ନିକଟରେ ଏ ଅଧିକାର ନାହିଁ ଯେ ଆପଣ କୌଣସି ବିଭାଗକୁ ତା'ର ଧାର୍ଯ୍ୟ ବଜେଟ୍‌ଠାରୁ ଅଧିକା ଖର୍ଚ୍ଚ କରିବା ପାଇଁ ଅନୁମତି ଦେବେ । ପୁଣି ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ:- ଇଂଟର୍‌ନାଲ୍ ଅଡିଟର୍‌ଙ୍କ ଦାୟିତ୍ୱ ବହୁତ ବ୍ୟାପକ ଏବଂ ବହୁତ ଗୁରୁତ୍ୱପୂର୍ଣ୍ଣ ମଧ୍ୟ । ଆପଣଙ୍କର ଦାୟିତ୍ୱ ହେଉଛି ଏହା କି ଆପଣ ସବୁ ପ୍ରକାରର ଖର୍ଚ୍ଚକୁ ଦେଖନ୍ତୁ ଯେ ତାହା ମଞ୍ଜୁରୀପ୍ରାପ୍ତ କରିଥିବା ବଜେଟ୍‌ର ମୁତାବକ ହେଉଛି କି ନାହିଁ । ଯଦି ମଞ୍ଜୁର୍ ହୋଇଥିବା ବଜେଟ୍ ମୁତାବକ ହେଉନାହିଁ ତେବେ ତତ୍‌କ୍ଷଣାତ୍ ଅମୀର୍ ସାହେବ୍‌ଙ୍କୁ ଏତେଲା କରନ୍ତୁ ।

ତାପରେ ନାଏବ୍ ଅମୀର୍ ଡାକ୍ଟର୍ ହମିଦୁର୍ ରହେମାନ୍ ସାହେବ୍ କହିଲେ ଯେ ହଜୁର୍ ଅନୁୱ୍ୱର୍ ଅ:ବ:ଅ ୨୦୧୩ ମସିହାରେ ଲସ୍ ଏଞ୍ଜେଲସ୍ ଆସିଥିଲେ ଏବଂ ହଜୁର୍ ଅନୁୱ୍ୱର୍ ହସ୍‌ପାନୁୱ୍ୱି ଲୋକମାନଙ୍କ ମଧ୍ୟରେ ତବ୍‌ଲିଗ୍ କରିବା ପାଇଁ ଆଦେଶ ମଧ୍ୟ ଦେଇଥିଲେ । ସୁତରାଂ ତାପରେ ଆମେ ସେଠାରେ ବହୁତ କାମ କରିଛୁ ଓ ସେଠାରେ ୩୧ଟି ବୟତ୍ ମଧ୍ୟ ହୋଇଛି । ଏବେ ସେଠାରେ ଆମେ ଚର୍ଚ୍ଚ୍‌ର ବିଲ୍‌ଡିଙ୍ଗ୍‌କୁ ମଧ୍ୟ ଖରିଦ୍ କରିଛୁ । ତା ସହିତ ୨୬ଯି ଗାଡି ପାର୍କିଂ କରିବା ପାଇଁ ସ୍ଥାନ ମଧ୍ୟ ଅଛି । ହଜୁର୍ ଅନୁୱ୍ୱର୍‌ଙ୍କ ଗୋଚରରେ ଏହି ପ୍ରୋଜେକ୍ଟ ପାଇଁ ସଫଳତା ନିମନ୍ତେ ଦୁଆ ର ଦରଖାସ୍ତ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅଙ୍କ ପଚାରିବାରେ ସେ ପୁଣି କହିଲେ ଯେ ୩୮୦୦ ସ୍କୋୟାରଫୁଟ୍ ହେଉଛି ସେହି ଅଟ୍ଟାଳିକାର ଛାତର ଅଂଶ । ତା'ର ଦୁଇଟି ଭାଗ ଅଛି । ଗୋଟିଏ ଭାଗରେ ପୁରୁଣା ଚର୍ଚ୍ଚ ରହିଛି ଓ ତାହା ହେଉଛି ୧୮୦୦ ସ୍କୋୟାରଫୁଟ୍ । ଯେବେ କି ଦ୍ୱିତୀୟ ଭାଗଟି ନୁଆ ତିଆରି ହୋଇଛି, ଯେଉଁଥିରେ ଗୋଟିଏ ସ୍କୁଲ୍ ଥିଲା । ଏଥିରେ ସାଢ଼େ ନ ଲକ୍ଷ ଡଲାର ଖର୍ଚ୍ଚ ହୋଇଛି । ସେଥିମଧ୍ୟରୁ କିଛି ଖର୍ଚ୍ଚ ଆମେ ମର୍କଜଠାରୁ କରଜ ନେଇଛୁ ଓ ବାକି ଅର୍ଥକୁ ଆମେ ନିଜେ ବହନ କରିଛୁ । ଇନ୍‌ଶାଅଲ୍ଲାଃ ମର୍କଜକୁ ମଧ୍ୟ ତାର ଅର୍ଥ ଯଥାଶିଘ୍ର ଫେରାଇଦେବୁ । ହଜୁର୍ ଅନୁୱ୍ୱର୍‌ଙ୍କ ପଚାରିବାରେ ନାଏବ୍ ଅମୀର୍ ସାହେବ୍ କହିଲେ ଯେ ଏହି ଅଟ୍ଟାଳିକାଟି ହେଉଛି ଗୋଟିଏ ମହଲା ବିଶିଷ୍ଟ କିନ୍ତୁ ଆମେ ଦ୍ୱିତୀୟ ମହଲା ନିର୍ମାଣ କରିବାର ଅନୁମତି ପାଇଁ ପ୍ରୋଗ୍ରାମ୍ କରୁଅଛୁ । ଅନୁମତି ମିଳିବା ପରେ ନୂତନ ଭାଗରେ ଦ୍ୱିତୀୟ ମହଲା ନିର୍ମାଣ କରାଯାଇପାରିବ ।

ହଜୁର ଅନୱ୍ୱର ଅ:ବ:ଅ ଏ ନିର୍ଦ୍ଦେଶ ଦେଲେ ଯେ, ଆପଣ Structural Engineers ଙ୍କଠାରୁ ପ୍ରଥମେ ପଚାରିବୁଝି ନିଅନ୍ତୁ ଯେ, ତଳ ମହଲାଟି କ'ଣ ଉପର ମହଲାର ଓଜନକୁ ବହନ କରିପାରିବ ।

ନ୍ୟାସନାଲ ମଜ୍‌ଲିସ୍ ଆମେଲାଙ୍କର ହଜୁର ଅନୱ୍ୱର ଅ:ବ:ଅଙ୍କ ସହିତ ଏହି ମିଟିଙ୍ଗ ନଅ'ଟା ପର୍ଯ୍ୟନ୍ତ ଜାରି ରହିଲା ।

**ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)**

ଏହାପରେ ହଜୁର ଅନୱ୍ୱର ଅ:ବ:ଅ ମସ୍‌ଜିଦ୍ ବଇତୁର ରହମାନ ଠାରେ ପଦାର୍ପଣ କଲେ ଯେଉଁଠି ପ୍ରୋଗ୍ରାମ ମୁତାବକ ଆମିନ୍ ଉତ୍ସବ ଅନୁଷ୍ଠିତ ହେଲା । ହଜୁର ଅନୱ୍ୱର ଅ:ବ:ଅ ନିମ୍ନଲିଖିତ ୨୮ ଜଣ ପୁଅ ଝିଅଙ୍କ ଠାରୁ ପବିତ୍ର କୋରାନ୍ ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜ୍ ଅନୱ୍ୱଶ୍ ରିଜ୍‌ୱାନ୍ (ଯମାତ୍ ଅହେମଦୀୟା ସେଂଟ୍ରାଲ ଭର୍ଜିନିଆ)

ଅଜିଜ୍ ମିର୍‌ଆବ୍ ସଇଦ୍ (ଯମାତ୍ ଅହେମଦୀୟା ସେଂଟ୍ରାଲ ଭର୍ଜିନିଆ)

ଅଜିଜା ସୋହା ଅହେମଦ୍ (ଯମାତ୍ ଅହେମଦୀୟା ସେଂଟ୍ରାଲ ଭର୍ଜିନିଆ)

ଅଜିଜା ଇମାନ୍ ଫିର୍‌ଦୋସ ଅହେମଦ୍ (ଯମାତ୍ ଅହେମଦୀୟା ସେଂଟ୍ରାଲ ଭର୍ଜିନିଆ)

ଅଜିଜ୍ ଶାୟାନ୍ ଖାନ୍ (ଯମାତ୍ ଅହେମଦୀୟା ସେଂଟ୍ରାଲ ଭର୍ଜିନିଆ)

ଅଜିଜ୍ ଜୟଦ୍ ଅହେମଦ୍ ଖାନ୍ (ଯମାତ୍ ଅହେମଦୀୟା ଲା ଇଷ୍ଟ)

ଅଜିଜ୍ ଅୟାନ୍ ୱ୍କସ୍ (ଯମାତ୍ ଲେହିଗ୍ ଭ୍ୟାଲି ପା)

ଅଜିଜ୍ ଅୟାନ୍ ଏନ୍. ଚୌଧୁରୀ (ଯମାତ୍ ଲେହିଗ୍ ଭ୍ୟାଲି ପା)

ଅଜିଜା ଆସ୍‌ମା ଅତ୍‌ହବ୍ (ଯମାତ୍ ଅହେମଦୀୟା ଲଙ୍ଗ ଆଇଲ୍ୟାଣ୍ଡ ନୁୟର୍କ)

ଅଜିଜା ନୈନା ଅଲିଜାଃ ଅହେମଦ୍ (ଯମାତ୍ ଅହେମଦୀୟା ମଲୱ୍ୱାକି)

ଅଜିଜ୍ ଅନ୍‌ୱ୍ୱଶ୍ ଅହମଦ୍ (ଯମାତ୍ ଅହେମଦୀୟା ନୁୟର୍କ)

ଅଜିଜ୍ ଅଉସାଫ୍ ତଫ୍‌ହିମ୍ ଅହମଦ୍ (ଯମାତ୍ ଅହେମଦୀୟା ନର୍ଥ ଜର୍ସୀ)

ଅଜିଜ୍ ଅଦିଲ୍ ଅହମଦ୍ (ଯମାତ୍ ଅହେମଦୀୟା ନର୍ଥ ଭର୍ଜିନିଆ)

ଅଜିଜା ଅନ୍‌ଅମ୍ ଅହମଦ୍ (ଯମାତ୍ ଅହେମଦୀୟା ନର୍ଥ ଭର୍ଜିନିଆ)

ଅଜିଜ୍ ଫାରାନ୍ ସାମି ଜିଦ୍‌ରାନ୍ (ଯମାତ୍ ଅହେମଦୀୟା ନର୍ଥ ଭର୍ଜିନିଆ)

ଅଜିଜା ମାହା ଖାନ୍ (ଯମାତ୍ ଅହେମଦୀୟା ନର୍ଥ ଭର୍ଜିନିଆ)

ଅଜିଜ୍ ରିହାନ୍ ୱ୍ୱାଇଟ୍ (ଯମାତ୍ ଅହେମଦୀୟା ନର୍ଥ ଭର୍ଜିନିଆ)

ଅଜିଜ୍ ସାଆଦ୍ ରାଜା (ଯମାତ୍ ଅହେମଦୀୟା ନର୍ଥ ଭର୍ଜିନିଆ)

ଅଜିଜା କୈସରାଃ ଅହମଦ୍ (ଯମାତ୍ ଅହେମଦୀୟା କୁଇନ୍ସ ନୁୟର୍କ)

ଅଜିଜ୍ ସେରାଫିନା ଆଦା ହୁସେନ୍ ଅହମଦ୍ (ଯମାତ୍ ଅହେମଦୀୟା ସିଟଲ୍ WA)

ଅଜିଜ୍ ରାଫେଲ୍ ଭଟ୍ଟି (ଯମାତ୍

ଅହେମଦୀୟା ସିଲଭର ସ୍ପ୍ରିଙ୍ଗ MD)
ଅଜିଜା ନୁରିୟା ଅହମଦ୍ (ଯମାତ୍ ଅହେମଦୀୟା ୱାଶିଂଟନ୍ ଡ଼ିସି)
ଅଜିଜ୍ ଅବଦୁଲ୍ଲାଃ ରଜା ସୁଲ୍ତାନ୍ (ଯମାତ୍ ଅହେମଦୀୟା ହର୍ସବର୍ଗ ୟାର୍କ)
ଅଜିଜା ଯୋୟା ଆଲିୟା ମେହମୁଦ୍ (ଯମାତ୍ ଅହେମଦୀୟା ବ୍ରାଙ୍ଗସ ନ୍ୟୁୟର୍କ)
ଅଜିଜ୍ ଆଶ୍ର ହମୀଦ୍ (କାନାଡ଼ା)
ଅଜିଜ୍ ଅତାଉଲ୍ କରିମ୍ ଜୋୟା (କାନାଡ଼ା)
ଅଜିଜା ବାସ୍‌ମା ବୁଶ୍‌ରା ଇବ୍ରାହିମ୍ (କାନାଡ଼ା)
ଅଜିଜ୍ ଫୈଜାନ୍ ଖାନ୍ (କାନାଡ଼ା)

ଆମିନ୍ ଉତ୍ସବ ପରେ ହଜୁର ଅନଓ୍ୱର ଅ:ବ:ଅ ମଗ୍ରିବ୍ ଏବଂ ଇଶା ନମାଜ୍ ଜମା କରି ପଢ଼ାଇଲେ । ନମାଜ୍ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ

ହଜୁର ଅନଓ୍ୱର ଅ:ବ:ଅଙ୍କ ଆମେରିକା ଗସ୍ତ ଏବଂ ଗୋଟେମୋଲା ଗସ୍ତର କଭରେଜ୍ ସାରା ପୃଥିବୀରେ ବ୍ୟାପକରୂପେ କରାଗଲା ଏବଂ ଇଲେକ୍ଟ୍ରୋନିକ, ପ୍ରିଂଟ ଓ ସୋଶିଆଲ୍ ମିଡ଼ିଆ ମାଧ୍ୟମରେ ଅନେକ ମିଲିୟନ୍ ଲୋକମାନଙ୍କ ନିକଟରେ ବାର୍ତା ପହଂଚିଲା ଏହି କଭରେଜ୍‌ର ସାରାଂଶ ନିମ୍ନରେ ଦରଜ କରାଯାଉଛି ।

ଗସ୍ତ ସମୟରେ ଚାରଟି ସ୍ଥାନରେ ପ୍ରେସ କନ୍‌ଫେରନ୍ସ ଅନୁଷ୍ଠିତ ହେଲା, (୧) ଫ୍ଲାଡ଼େଲ୍‌ଫିଆ: ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ର ଉଦ୍‌ଘାଟନୀ ଉତ୍ସବ ସମୟରେ (୨) ବାଲ୍ଟିମ୍ୟୁର: ମସ୍‌ଜିଦ୍ ବଇତୁସ ସମଦ୍ ଉଦ୍‌ଘାଟନୀ ଉତ୍ସବ ସମୟରେ (୩) ଗୋଟେମୋଲା: ନାସିର୍ ହସ୍ପିଟାଲ୍ ଉଦ୍‌ଘାଟନୀ ଉତ୍ସବ ସମୟରେ (୪) ସାଉଥ୍ ଭର୍ଜିନିଆ: ମସ୍‌ଜିଦ୍ ମସ୍‌ରୁର୍‌ର ଉଦ୍‌ଘାଟନୀ ଉତ୍ସବ ସମୟରେ ।

ରିଭ୍ୟୁ ଅଫ୍ ରିଲିଜିଅନ୍ସ ଜରିଆରେ ମଧ୍ୟ ବ୍ୟାପକରୂପେ ମିଡ଼ିଆରେ କଭରେଜ୍ ଦିଆଯାଇଛି ।

ହଜୁର ଅନଓ୍ୱର ଅ:ବ:ଅ ନାସିର ହସ୍ପିଟାଲ ଉଦ୍‌ଘାଟନି ଉତ୍ସବ ଅବସରରେ ରିଭ୍ୟୁ ଅଫ୍ ରିଲିଜିଅନ୍‌ର ସ୍ପାନିଷ ଏଡ଼ିସନ୍ ଓ ସ୍ପାନିଷ ୱେବସାଇଟ୍‌ର ମଧ୍ୟ ଉନ୍ମୋଚନ କଲେ ।

ଏ ପ୍ରସଙ୍ଗରେ ଇଂରାଜୀ ସହିତ ସ୍ପାନିଷ ସୋଶିଆଲ୍ ମିଡ଼ିଆରେ ମଧ୍ୟ ପୋଷ୍ଟ କରାଗଲା । ସେମାନଙ୍କ ମଧ୍ୟରେ ଫେସ୍‌ବୁକ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ୍, ୱେବ୍‌ସାଇଟ୍ ଆର୍ଟିକିଲ୍‌ସ ଏବଂ ୟୁଟ୍ୟୁବ ଇତ୍ୟାଦି ସାମିଲ ଅଛନ୍ତି । ଏହି ପୋଷ୍ଟଗୁଡ଼ିକୁ ୬ ଲକ୍ଷ ୩୭ ହଜାରରୁ ଅଧିକ ଲୋକ ଦେଖିଛନ୍ତି ।

ଦୌରାଃ (ଗସ୍ତ) ସମ୍ପର୍କରେ ରିଭ୍ୟୁ ଅଫ୍ ରିଲିଜିଅନ୍ସ ଟିମ୍ ଦୁଇ ଦୁଇ ଓ ତିନିତିନି ମିନିଟ୍‌ର ଛୋଟ ଛୋଟ ଡ଼କ୍ୟୁମେଂଟାରି ବନାଇ ଅପଲୋଡ଼ କରିଥିଲେ ଯାହାକୁ ୮ ଲକ୍ଷରୁ ଅଧିକ ଲୋକେ ଦେଖିଛନ୍ତି ।

ଏତଦ୍‌ବ୍ୟତିତ ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣଗୁଡ଼ିକୁ ମଧ୍ୟ କଭରେଜ୍ ଦିଆଯାଇଛି ।

ଗୋଟିଏ ଆକଳନ ମୁତାବକ ଇଂରାଜୀ ଓ ସ୍ପାନିଷ ସୋଶିଆଲ ମିଡ଼ିଆରେ ଯେଉଁ ପୋଷ୍ଟ କରାଯାଇଛି ତାକୁ ୧.୮୬ ମିଲିୟନ୍ ରୁ ଅଧିକ ଲୋକେ ଦେଖିଛନ୍ତି ।

ନାସିର୍ ହସ୍ପିଟାଲ ଗୋଟେମୋଲାର ଉଦ୍‌ଘାଟନୀ ଉତ୍ସବ ସମୟରେ ଗୋଟେମୋଲାରେ ମଧ୍ୟ ବ୍ୟାପକରୂପେ ମିଡ଼ିଆ କଭରେଜ୍ ହୋଇଛି ।

ଗୋଟେମୋଲାର ଜାତିୟ ଖବରକାଗଜ (Prensa Libre) ଯାହାର ପ୍ରତିଦିନ ୧ ଲକ୍ଷ ୩୦ ହଜାର ସଂଖ୍ୟା ପ୍ରକାଶ ହୋଇଥାଏ ଏବଂ ୪ ମିଲିୟନ୍‌ରୁ ଅଧିକ ପାଠକପାଠିକା ଅଛନ୍ତି, ସେ ନିଜର ୨୪ ଅକ୍ଟୋବର ୨୦୧୮ ପ୍ରକାଶନରେ ପ୍ରଥମ ପୃଷ୍ଠାରେ ନାସିର ହସ୍ପିଟାଲ୍‌ର ଏକ ସ୍ୱତନ୍ତ୍ର ଛବି ପ୍ରକାଶ କରିଛି ଏବଂ ଉଦ୍‌ଘାଟନୀ ଉତ୍ସବ ସମାରୋହ ସମ୍ବନ୍ଧରେ ରିପୋର୍ଟ ପ୍ରକାଶ କରିଛି ।

ସେହି ଖବରକାଗଜ (Prensa Libre) ର ସ୍ତମ୍ଭକାର (Samuel Reyes Gomez) ଗୋଟିଏ ବିସ୍ତାର ଆର୍ଟିକିଲ୍ ନାସିର ହସ୍ପିଟାଲ ସମ୍ବନ୍ଧରେ ପ୍ରକାଶ କରିଛନ୍ତି ।

ଜାତୀୟ ଖବର କାଗଜ El Periodico ରେ ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି ।

ନ୍ୟାସନାଲ ଟି.ଭି. GoteVision ହଜୁର ଅନଓ୍ୱର ଅ:ବ:ଅ ଓ ନାସିର ହସ୍ପିଟାଲଙ୍କ ପରିଚୟ ଉପରେ ଆଧାରିତ ଗୋଟିଏ ରିପୋର୍ଟ ପ୍ରସାରଣ କରିଛି ।

ନ୍ୟାସନାଲ ରେଡ଼ିଓ ଚ୍ୟାନେଲ୍ (Radios Emisoras Unidas) ମଧ୍ୟ ଉଦ୍‌ଘାଟନୀ ଉତ୍ସବ ସମ୍ବନ୍ଧରେ ଖବର ପ୍ରସାରଣ କରିଛି ।

ଏ ଦୃଷ୍ଟିକୋଣରୁ ଗୋଟିଏ ଅନୁମାନ ମୁତାବକ ଲାଟିନ୍ ଆମେରିକାର ବିଭିନ୍ନ ଦେଶର ପ୍ରିଂଟ ମିଡ଼ିଆ, ଭିନ୍ନଭିନ୍ନ ଖବରକାଗଜ ଏବଂ ଟେଲିଭିଜନ୍ ଚ୍ୟାନେଲ ଜରିଆରେ ଊଣା ଅଧିକେ ୩୨ ମିଲିୟନ୍ ଲୋକମାନଙ୍କ ନିକଟରେ ନାସିର ହସ୍ପିଟାଲ୍‌ର ଉଦ୍‌ଘାଟନୀ ଉତ୍ସବ ସମାରୋହର ଖବର ପହଂଚିଛି ।

ଏତଦ୍‌ବ୍ୟତିତ ସୋଶିଆଲ ମିଡ଼ିଆ, ଟୁଇଟର, ଇନ୍‌ଷ୍ଟାଗ୍ରାମ ଏବଂ ୟୁଟ୍ୟୁବ୍ ମାଧ୍ୟମରେ ୨୩ଲକ୍ଷ ଲୋକମାନଙ୍କ ପର୍ଯ୍ୟନ୍ତ ନାସିର ହସ୍ପିଟାଲ୍‌ର ଉଦ୍‌ଘାଟନୀ ଉତ୍ସବର ଖବର ପଂହଚିଛି ।

ଏମ୍.ଟି.ଏ ସୋଶିଆଲ୍ ମିଡ଼ିଆ ଟିମ୍ ତରଫରୁ ମଧ୍ୟ ଗୋଟେମୋଲା ଓ ଆମେରିକା ଗସ୍ତର କଭରେଜ୍ ଦିଆଯାଇଛି । ଏମ୍.ଟି.ଏ ସୋଶିଆଲ୍ ମିଡ଼ିଆ ଟିମ୍‌ର ରିପୋର୍ଟ ମୁତାବକ ହଜୁର ଅନଓ୍ୱର ଅ:ବ:ଅଙ୍କ ଏହି ବାବରକତ୍ ଗସ୍ତକୁ ଭିନ୍ନଭିନ୍ନ ପ୍ଲାଟଫର୍ମ ଜରିଆରେ ମୋଟ ୧୮ଲକ୍ଷ ୩୧ ହଜାର ୯୧୦ ଜଣ ଲୋକମାନଙ୍କ ନିକଟରେ ବାର୍ତା ପହଂଚିଛି ।

ଏହି କଭରେଜ୍‌ରେ ୪ ଲକ୍ଷ ୯୫ ହଜାରରୁ ଅଧିକା ନୂଆ ଦର୍ଶକ ସାମିଲ ଅଛନ୍ତି ।

ୟୁ.ଏସ୍.ଏ ର ମିଡ଼ିଆ ଟିମ୍ ତରଫରୁ ମଧ୍ୟ ଏହି ଗସ୍ତ କଭରେଜ୍ ଦେବା ପାଇଁ ଚେଷ୍ଟା କରାଯାଇଛି । ଆମେରିକାରେ ଟି.ଭି ମାଧ୍ୟମରେ ମୋଟ ୨୮ ଲକ୍ଷ ୬୯ ହଜାରରୁ ଅଧିକା ଲୋକମାନଙ୍କ ପର୍ଯ୍ୟନ୍ତ ଇସ୍‌ଲାମ୍‌ର ବାର୍ତା ପହଂଚିଛି ।

ଡ଼ିଜିଟାଲ୍ ଫୋରାମ୍‌ସ, ୱେବସାଇଟ୍ସ ଏବଂ ସୋଶିଆଲ୍ ମିଡ଼ିଆ ଇତ୍ୟାଦି ଯୋଗେ ଊଣା ଅଧିକେ ୨୦ ଲକ୍ଷ ଲୋକମାନଙ୍କ ନିକଟରେ ବାର୍ତା ପହଂଚିଛି ।

ବିଭିନ୍ନ ଖବର କାଗଜ ଓ ପ୍ରତ୍ରିକା ଗୁଡ଼ିକରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଗସ୍ତ ସମ୍ବନ୍ଧରେ ମୋଟ ୪୬ଟି ଆର୍ଟିକିଲ୍ ପ୍ରକାଶ ହୋଇଛି ।

ସେମାନଙ୍କ ମଧ୍ୟରୁ ପ୍ରସିଦ୍ଧ ଖବରକାଗଜ ଗୁଡ଼ିକ ନିମ୍ନରେ ଦିଆଗଲା ।

Baltimore Sun
Philadelphia Inquirer
Religion News Service
Houston Chronicle

ସୁତରାଂ ଏହି ଗଣମାଧ୍ୟମ ଦ୍ୱାରା ଆମେରିକାରେ ମୋଟ ୧୦ ମିଲିୟନରୁ ଅଧିକା ଲୋକଙ୍କ ନିକଟରେ ବାର୍ତା ପହଂଚିଛି ।

ଅଲ୍‌ଇସ୍‌ଲାମ ୱେବସାଇଟ ତରଫରୁ ମଧ୍ୟ ଉକ୍ତ ଗସ୍ତକୁ କଭରେଜ ଦିଆଯାଇଛି । ଅଲ୍‌ଇସଲାମ୍ ୱେବସାଇଟ ଜରିଆରେ ୧୦ଲକ୍ଷରୁ ଅଧିକା ଲୋକଙ୍କ ନିକଟରେ ବାର୍ତା ପହଂଚିଛି ।

ଫେସ୍‌ବୁକ ଜରିଆରେ ମୋଟ ୧୬ଲକ୍ଷ ସଦସ୍ୟଙ୍କ ନିକଟରେ ବାର୍ତା ପହଂଚିଛି ।

ଟୁଇଟର ମାଧ୍ୟମରେ ମୋଟ ୭ ଲକ୍ଷ ୩୮ ହଜାର ଲୋକମାନଙ୍କ ନିକଟରେ ବାର୍ତା ପହଂଚିଛି ।

ଭିନ୍ନଭିନ୍ନ ଭିଡ଼ିଓ ଜରିଆରେ ମୋଟ ୪ ଲକ୍ଷ ୫୦ ହଜାର ଲୋକଙ୍କ ନିକଟରେ ବାର୍ତା ପହଂଚିଛି ।

ଏହିପରି ହଜୁର ଅନଓ୍ୱର ଅ:ବ:ଅଙ୍କ ଆମେରିକା ଗସ୍ତ ଓ ଗୋଟେମୋଲା ଗସ୍ତର ଅଲ୍‌ଇସ୍‌ଲାମ ୱେବସାଇଟ ଏବଂ ତତ୍‌ସମ୍ବନ୍ଧିୟ ସୋଶିଆଲ୍ ମିଡ଼ିଆ ମାଧ୍ୟମରେ ଊଣା ଅଧିକେ ୪୦ ଲକ୍ଷ ଲୋକଙ୍କ ନିକଟରେ ବାର୍ତା ପହଂଚିଛି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ଆମେରିକା ଗସ୍ତକୁ ଏମ୍.ଟି.ଏ ଆଫ୍ରିକା ଅନ୍ତର୍ଗତ ଆଫ୍ରିକାରେ ମଧ୍ୟ ଟି.ଭି, ରେଡ଼ିଓ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ ପ୍ରିଂଟ ମିଡ଼ିଆ ମାଧ୍ୟମରେ ବ୍ୟାପକ ରୂପେ କଭରେଜ ହୋଇଛି ।

ସେଥିରେ ଘାନା ର ନ୍ୟାସନାଲ ଟି.ଭି, ସିରିୟାଲିଅନ୍ ର ନ୍ୟାସନାଲ ଟି.ଭି, ଏ.ୱାଇ.ଭି ନ୍ୟାସନାଲ ଟିଭି ସିରିଆଲିଓନ୍, ଫ୍ରି ଟାଉନ୍ ଟେଲିଭିଜନ୍ ସିରିଆଲିଓନ୍, ଗାମ୍ବିଆ ନ୍ୟାସନାଲ ଟେଲିଭିଜନ୍, ନ୍ୟାସନାଲ ଟିଭି ଉଗାଣ୍ଡା ବିବିଏସ୍, ଏମ୍.ଆଇ ଟିଭି ନାଇଜେରିଆ, ନ୍ୟାସନାଲ ଟିଭି ସାଇନ୍ ପ୍ଲସ୍ ଘାନା, ଘାନା ନ୍ୟାସନାଲ ରେଡ଼ିଓ, ଘାନା ନ୍ୟୁଜ୍ ଏଜ୍ନ୍ସି ଅନଲାଇନ୍, ରୱାଣ୍ଡା ନ୍ୟାସନାଲ ଟିଭି, ବିଟିଏନ୍, ବୁର୍କିନା ଫାସୋ ଟିଭି ୩ ଏବଂ Independent Newspaper Naigeria, etc.. ସାମିଲ୍ ଅଛନ୍ତି ।

ଏ ସବୁ ଯୋଗେ ପାଖାପାଖି ୧୦

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

(ଖୁତ୍‌ବା ଯୁମାଃ ପ୍ରଦତ୍ତ ୨୭ ଜାନୁୟାରୀ ୨୦୧୭)

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହଦାଦାର୍ ଯେକୌଣସି ସ୍ତରର ଓ୍ୱହଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

(ଖୁତ୍‌ବା ଯୁମାଃ ପ୍ରଦତ୍ତ ୬ ଜାନୁୟାରୀ ୨୦୧୫)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

## ମୋହରିର୍ (କିରାଣୀ) ରୂପେ ସେବା କରିବା ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନେ ଧ୍ୟାନ ଦିଅନ୍ତୁ !

ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ରେ କିରାଣୀ ରୂପେ ସେବା କରିବା ପାଇଁ ଇଚ୍ଛୁକ ଲୋକମାନଙ୍କ ଏତଲା ନିମନ୍ତେ ଘୋଷଣା କରାଯାଉଛି ଯେ: (୧) ପ୍ରାର୍ଥଙ୍କ ବୟସ ୨୫ ବର୍ଷରୁ କମ୍ ହେବା ଆବଶ୍ୟକ ଏବଂ ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ୧୦, +୨, ସେକେଣ୍ଡ ଡ଼ିଭିଜନ ହୋଇଥିବ ଅଥବା ୪୫% ନମ୍ବର ହାସଲ କରିଥିବେ । ଏହାଠାରୁ ଅଧିକା ଶିକ୍ଷା ଗ୍ରହଣ କରିଥିବା କ୍ଷେତ୍ରରେ ମଧ୍ୟ ଅତିକମ୍‌ରେ ସେକେଣ୍ଡେ ଡ଼ିଭିଜନ ବା ତା'ଠାରୁ ଅଧିକା ନମ୍ବର ରଖିଥିବେ । (୨) ଜାମିଆ ଅହେମଦୀୟା କାଦିଆନ୍‌ର ଶିକ୍ଷାର୍ଥୀ ଯେଉଁମାମେ ମେଟ୍ରିକ ପାଶ କରିବା ପରେ ଜାମିଆ ଅହେମଦୀୟାରେ ଅତିକମ୍‌ରେ ଦୁଇ ବର୍ଷ ଶିକ୍ଷା ଗ୍ରହଣ କରି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବେ ସେମାନେ ମୁକରମ୍ ପ୍ରିନ୍‌ସପାଲ୍ ସାହେବ ଜାମିଆ ଅହେମଦୀୟାଙ୍କ ତସ୍‌ଦିଗ୍ ଏବଂ ସୁପାରିଷ କରିବା ପରେ ନିୟମିତ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ନିମନ୍ତେ ଥିବା ପରୀକ୍ଷାରେ ସାମିଲ ହୋଇପାରିବେ ।

ପ୍ରାର୍ଥୀ ସୁନ୍ଦର ଲେଖିପାରୁଥିବେ ଏବଂ ଉର୍ଦ୍ଦୁ Inpage କମ୍ପୋଜିଙ୍ଗ ଜାଣିଥିବେ ଏବଂ ଟାଇପ୍‌ର ଗତି ଅତିକମ୍‌ରେ ମିନିଟ୍ ପିଛା ୨୫ ଟି ଶବ୍ଦ ହୋଇଥିବା ଉଚିତ । (୪) କେବଳ ସେହି ପ୍ରାର୍ଥୀ ସେବା କରିବାପାଇଁ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ସଦର ଅଞ୍ଜୁମନ୍‌ଙ୍କ ତରଫରୁ କିରାଣୀମାନଙ୍କ ନିମନ୍ତେ ନିଆଯାଇଥିବା ପରୀକ୍ଷା ଓ ଇଂଟରଭ୍ୟୁରେ ପାଶ୍ ହେବେ । (୫) ଯେଉଁ ବନ୍ଧୁ ସଦର ଅଞ୍ଜୁମନ୍ ଅହେମଦୀୟାରେ କିରାଣୀ ରୂପେ ସେବା କରିବା ପାଇଁ ଇଚ୍ଛୁକ ଓ ଉପରୋକ୍ତ ସର୍ତାବଳୀକୁ ପୂରଣ କରୁଥିବେ ସେମାନେ ଦରଖାସ୍ତ ଦେଇପାରିବେ । ଦରଖାସ୍ତ ଫର୍ମ ନିଜାରତେ ଦିୱାନ୍ ସଦର ଅଞ୍ଜୁମନ୍ ଅହେମଦୀୟା କାଦିୟାନଙ୍କ ନିକଟୁ ମଗାଇ ନିଅନ୍ତୁ । ନିଜର ଦରଖାସ୍ତକୁ ନିର୍ଦ୍ଧାରିତ ଫର୍ମକୁ ପୂରଣ କରି ନିଜାରତେ ଦିୱାନ୍‌ଙ୍କୁ ପଠାଇ ଦିଅନ୍ତୁ । ଦରଖାସ୍ତ ଫର୍ମ ମିଳିବାପରେ ପରୀକ୍ଷା ଅନୁଷ୍ଠିତ କରାଯିବ । ଏହି ଘୋଷଣାର ଦୁଇମାସ ଭିତରେ ଯେଉଁ ଦରଖାସ୍ତ ମିଳିବ ତାହା ବିଚାରକୁ ନିଆଯିବ । (୬) ଦ୍ୱିତୀୟ ଶ୍ରେଣୀ କର୍ମଚାରୀମାନଙ୍କ ନିମନ୍ତେ ଥିବା ପାଠ୍ୟସୂଚୀ ପରୀକ୍ଷା କମିଶନ୍‌ର ପ୍ରତ୍ୟେକ ବିଭାଗରେ ସଫଳ ହେବା ଜରୁରୀ ଅଟେ । ଯାହା ନିମ୍ନରେ ଦିଆଗଲା ।

* ପବିତ୍ର କୋରାନ୍ ନାଜେରା ସମ୍ପୂର୍ଣ୍ଣ, ପ୍ରଥମ ପାରା ଅନୁବାଦ ସହିତ * ଚାଲିସ୍ ଜୱାହିର୍ ପାରେ, ଅର୍‌କାନେ ଇସ୍‌ଲାମ୍, ନମାଜ୍ ସମ୍ପୁର୍ଣ୍ଣ ଅନୁବାଦ ସହିତ * କଶ୍‌ତି ନୁହ୍, ବରକାତୁଦ୍ ଦୁଆ. ଦିନି ମାଲୁମାତ୍ * ଅକାଇଦେ ଯମାତ୍ ଅହେମଦୀୟା * ଦୁର୍‌ରେ ସମିମ୍ ରୁ ନଜମ୍ (ଶାନେ ଇସ୍‌ଲାମ୍) * ଇଂରାଜୀ ୧୦+୨ ସ୍ତର ମୁତାବକ * ଗଣିତ ମେଟ୍ରିକ ସ୍ତରର, ସାଧାରଣ ଜ୍ଞାନ (୭) ଲିଖିତ ପରୀକ୍ଷାରେ ସଫଳ ହୋଇଥିବା ପ୍ରାର୍ଥଙ୍କର ଇଂଟରଭ୍ୟୁ ହେବ । ସେବାକରିବା ନିମନ୍ତେ ଇଂଟରଭ୍ୟୁରେ ସଫଳ ହେବା ଜରୁରୀ । (୮) ଲିଖିତ ପରିକ୍ଷା ଏବଂ ଇଂଟରଭ୍ୟୁ ଦୁଇଟି ଯାକରେ ସଫଳ ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ରେ ସ୍ୱାସ୍ଥ୍ୟ ଯାଚଂ କରାଇବାକୁ ହେବ ଏବଂ କେବଳ ସେହି ପ୍ରାର୍ଥୀ ସେବା କରିବାର ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୂର୍ ହସ୍ପିଟାଲ୍‌ର ସ୍ୱାସ୍ଥ୍ୟ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ଘୋଷିତ ହେବେ । (୯) ଯଦି କୌଣସି ପ୍ରାର୍ଥୀକୁ ଯମାତ୍‌ର କୌଣସି ପୋଷ୍ଟରେ ଚୟନ କରାଯାଏ ତେବେ ଏ କ୍ଷେତ୍ରରେ ତାଙ୍କୁ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ । (୧୦) କାଦିୟାନ୍ ଆସିବାର ଯାତାୟାତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

**(ନାଜର ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍)**

**ଅଧିକ ଜାଣିବାପାଇଁ ଯୋଗାଯୋଗ କରିପାରିବେ**

**ମୋବାଇଲ୍-୯୮୭୭୧୩୮୩୪୭, ୯୬୪୬୩୫୧୨୮୦**

**ଅଫିସ୍ ଫୋନ୍- ୦୧୮୭୨୫୦୧୧୩୦**

Email: diwan@qadian.in

## ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍‌ନା ହଜୁର୍ ଅନୁୱର୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍‌ଙ୍କ ମଞ୍ଜୁରୀ ମୁତାବକ ଅଖ୍‌ବାର୍ ବଦର୍‌ର ବାର୍ଷିକ ଚାନ୍ଦାକୁ ବଢ଼ାଇ ଦିଆଯାଇଛି । ନୁଆ ଶର୍‌ହା (ଦର) ମୁତାବକ ବାର୍ଷିକ ଚାନ୍ଦା **୫୦୦** ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ଏପ୍ରିଲ୍ ୨୦୧୮ ରୁ ଲାଗୁ ହେବ । କାଗଜ, ମୁଦ୍ରଣ, ଡାକ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଯିବା ଯୋଗୁ ଏହା ଜରୁରୀ ହୋଇଯାଇଛି । ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତାକୁ ନୁଆ ଦର ମୁତାବକ ଚାନ୍ଦା ପଇଠ କରିବେ । ଏବଂ ଏହିପରି ବଦର୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତାକୁ ନୁଆ ଶର୍‌ହା ଅର୍ଥାତ୍ ବାର୍ଷିକ **୫୦୦** ଟଙ୍କା ହିସାବରେ ଚାନ୍ଦା ଆଦାୟ କରିବେ ।

*(ମ୍ୟାନେଜର୍ ସାପ୍ତାହିକ ଅଖ୍‌ବାର୍ ବଦର୍ କାଦିଆନ୍)*

## ଓଡ଼ିଆ ବଦର୍‌ରେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସ୍ୱେଚ୍ଛାସେବୀ କମ୍ପୋଜରଙ୍କ ଆବଶ୍ୟକ

ଓଡ଼ିଆ ବଦର୍ ନିମନ୍ତେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱେଚ୍ଛାସେବୀ କମ୍ପୋଜର ଆବଶ୍ୟକ ହେଉଛି ତେଣୁ ଏହି ସେବା କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀ/ ପ୍ରାର୍ଥିନୀ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ ।

Manager WeeklyBadar Qadian  
Ph No: +911872 224757  
Mob No: +919417020616  
Email: managerbadarqnd@gmail.com  
Naib Editor Odia Badar  
Mob: 9437128786

## ହଜୁର ଅନୱରଙ୍କ ଗୋଚରରେ ଡ଼ାକ ଦ୍ୱାରା ଚିଠି ଲେଖୁଥିବା ଲୋକମାନଙ୍କ ପାଇଁ

## ନୂଆ ଠିକଣା

ଯମାତ୍‌ର ସଦସ୍ୟମାନେ ଜାଣିଛନ୍ତି ଯେ, ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଗତ କିଛି ସପ୍ତାହ ହେବ ମସ୍‌ଜିଦ୍ ଫଜଲ୍‌ରୁ ଆସି ନୂଆ ମର୍କଜ୍ ଇସାଲାମବାଦ ଟିଲ୍‌ଫୋର୍ଡ଼ଠାରେ ରହୁଛନ୍ତି ଯେଉଁ ଲୋକମାନେ ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ସେବାରେ ପ୍ରାର୍ଥନା ମୁଳକ ଚିଠି ଡ଼ାକ ଦ୍ୱାରା ପଠାଉଛନ୍ତି ସେମାନେ ଏବେ ନିମ୍ନଲିଖିତ ନୂଆ ଠିକଣାରେ ଚିଠି ପଠାନ୍ତୁ

Islamabad, 2, Sheephatch Lane,  
Tilford Surrey GU10 2AQ  
United Kingdom

## ସାଲାନା ଇଜିତେମା

**ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍ନା ଇମାଇଲ୍ଲାଃ ଭାରତ-୨୦୧୯**

ଭାରତର ସମସ୍ତ ଅନ୍‌ସାର୍, ଖୁଦାମ୍ ଓ ଲଜ୍ନା ଇମାଇଲାଙ୍କୁ ଲିଖିତ ରୂପେ ଅବଗତ କରାଇଦିଆଯାଉଛି ଯେ ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ:ଅ ସଦିଚ୍ଛା ସହିତ ମର୍କଜି ସାଲାନା ଇଜିତେମା ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍ନା ଇମାଇଲ୍ଲାଃ ଭାରତ-୨୦୧୯ ନିମନ୍ତେ ତା ୧୮,୧୯,୨୦ ଅକ୍ଟୋବର (ଶୁକ୍ରବାର, ଶନିବାର, ରବିବାର) ର ମଞ୍ଜୁରି ପ୍ରଦାନ କରିଛନ୍ତି । ସମସ୍ତ ଜେଲି ତଞ୍ଜିମ୍ ର କର୍ମୀମାନଙ୍କୁ ଏବେଠାରୁ କାଦିୟାନ୍ ଦାରୁଲ୍ ଅମାନ୍‌ର ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହେବାକୁ ଥିବା ଏହି ମର୍କଜି ଇଜିତେମାଅତ୍ ରେ ସାମିଲ୍ ହେବାପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଏହି ଇଜ୍‌ତିମାଅତ୍ ତର୍‌ବିୟତ୍‌ର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଅଟେ । ଯଜାକ୍‌ମୁଲ୍ଲାଃ- (ଇଦାରାଃ)

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

ମିଲିୟନରୁ ଅଧିକା ଲୋକମାନଙ୍କ ନିକଟରେ ପ୍ରସାରଣ ଓ ଖବର ପହଂଚିଛି ।

**୫ ନଭେମ୍ବର ୨୦୧୮ (ସୋମବାର)**

ହଜୁର ଅନଓ୍ୱର ଅ:ବ:ଅ ପ୍ରତ୍ୟୁଷ ୫:୪୦ ମିନିଟରେ ମସଜିଦ୍ ବଇତୁର ରହମାନ୍‌ଠାରେ ପର୍ଦାପଣ କରି ଫଜର ନମାଜ ପଢ଼ାଇଲେ । ନମାଜ୍ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବସାସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି ଚିଠିପତ୍ର ଏବଂ ରିପୋର୍ଟ ଇତ୍ୟାଦିକୁ ଦେଖିଲେ ଓ ସେଥିରେ ହିଦାୟତ (ନିର୍ଦ୍ଦେଶ) ପ୍ରଦାନ କଲେ । ଏହିପରି ହଜୁର ଅନଓ୍ୱର ଅ:ବ:ଅ ବିଭିନ୍ନ ଦଫତରି କାର୍ଯ୍ୟକୁ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ପ୍ରୋଗ୍ରାମ ମୁତାବକ ଠିକ୍ ଦେଢ଼ଟା ସମୟରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ବଇତୁର ରହମାନ୍ ର ଗୋଟିଏ ହଲ୍ ଭିତରକୁ ପ୍ରବେଶ କଲେ ଯେଉଁଠି ବିଭିନ୍ନ ବିଭାଗର ଗ୍ରୁପ୍ ଫଟୋର ପ୍ରୋଗ୍ରାମକୁ କ୍ରମ ଦିଆଯାଇଥିଲା । ନିମ୍ନଲିଖିତ ୨୮ଟି ବିଭାଗ ଜଣ ଜଣ କରି ଗ୍ରୁପ ଆକାରରେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫୋଟ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଗ୍ରୁପ ସିକ୍ୟୁରିଟି ବିଶେଷ ସୁରକ୍ଷାଦଳ * ନ୍ୟାସନାଲ ମଜ୍‌ଲିସ୍ ଆମେଲା ୟୁ.ଏସ୍.ଏ ର ସଦସ୍ୟଗଣ * ୟୁ.ଏସ୍.ଏ ର ମୁବଲିଗ୍ ମାନେ * ଜିଆଫତ୍ ଜେନେରାଲ୍ ବିଭାଗର କର୍ମୀଗଣ * ଜିଆଫତ୍ ବିଭାଗର ସଦସ୍ୟମାନେ * ସାକ୍ଷାତକାର ବିଭାଗ * ଇନ୍‌ତେଜାମିୟା (ବ୍ୟବସ୍ଥାପିକା) ଯିଏ ଗସ୍ତର କାର୍ଯ୍ୟକ୍ରମଗୁଡିକୁ ଅର୍ଗାନାଇଜ କରିଥିଲେ * ଖିଦମତେ ଖଲ୍‌କ ବିଭାଗ * ତାଲିମୁଲ୍ କୁର୍‌ଆନ୍ ବିଭାଗ, ଓ୍ୱକ୍‌ଫେ ଆର୍‌ଜି (ଆମିନ୍ ଉତ୍ସବର ପ୍ରବନ୍ଧକ) * ଆବାସସ୍ଥଳୀ ବିଭାଗ * ପାର୍କିଙ୍ଗ ଓ ଟ୍ରାଫିକ୍ କଂଟ୍ରୋଲ ବିଭାଗ * ଷ୍ଟାଫ୍ ବିଭାଗ, ମସ୍‌ଜିଦ୍ ବଇତୁର୍ ରହମାନ ର ବ୍ୟବସ୍ଥାପକ * ସମୟି ଓ୍ୱ ବସରି (ସ୍ଥାନୀୟ) * ୟୁ.ଏସ୍ ଖୁଦାମୁଲ୍ ଅହେମଦିୟାରୀ ମଜ୍‌ଲିସ୍ ଆମେଲା * କଜା ବିଭାଗ * ଉମୁରେ ଖାରିଜା ବିଭାଗ * ଇତ୍‌ଫାଲୁଲ୍ ଅହେମଦୀୟା ଗ୍ରୁପ୍ (ଯେଉଁମାନେ ଓ୍ୱକ୍‌ଫେ ଆର୍‌ଜିରେ ଭାଗ ନେଇଛନ୍ତି) ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଉକ୍ତ ଅତ୍‌ଫାଲ୍ ପିଲାମାନଙ୍କୁ କଲମ ପ୍ରଦାନ କଲେ * ମିଡ଼ିଆ ଟିମ୍ * ଉମୁରେ ଆମା ବିଭାଗ * ଜାମିୟା ଅହେମଦିୟା କାନାଡ଼ାର ଶିକ୍ଷକ ଏବଂ ଛାତ୍ରଛାତ୍ରୀଗଣ * ଯମାତ୍ ଅହେମଦୀୟା କାନାଡ଼ାର ମୁବ୍‌ଲିଗମାନେ * MTA Teliport USA ର ଷ୍ଟାଫ୍‌ମାନେ * ଟ୍ରାନସ୍‌ପୋର୍ଟ ବିଭାଗ * ଫୋଟୋଗ୍ରାଫ ବିଭାଗ * ଜାଏଦାଦ୍ ବିଭାଗ * ସିକ୍ୟୁରିଟି ବିଭାଗ (ଯେଉଁ ଖୁଦାମ୍‌ମାନେ ବିଭିନ୍ନ ବାହ୍ୟ ପୋଷ୍ଟରେ ନିୟୋଜିତ ଥିଲେ) * MTA International London (MTA's central Team ର ଯିଏ ଏହି ଗସ୍ତକୁ ସମ୍ପୁର୍ଣ୍ଣରୂପେ ପ୍ରୋଗ୍ରେସ ଦେଇଛି) ।

ଫଟୋ ଉଠାର ଏହି କାର୍ଯ୍ୟକ୍ରମ ପରେ ହଜୁର ଅନଓ୍ୱର ଅ:ବ:ଅ ମସଜିଦ୍ ବଇତୁର ରହମାନଠାରେ ପର୍ଦାପଣ କରି ଜୋହର୍ ଏବଂ ଅସର ନମାଜ ଜମାକରି ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ତୃତୀୟ ପ୍ରହରରେ ମଧ ହଜୁର ଅନଓ୍ୱର ଅ:ବ:ଅ ବିଭିନ୍ନ କାର୍ଯ୍ୟକୁ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ପ୍ରୋଗ୍ରାମ ମୁତାବକ ଠିକ୍ ୬ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ବଇତୁର ରହମାନଠାରେ ପହଂଚି ମଗ୍‌ରି ଏବଂ ଇସା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ସରିବା ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବସସ୍ଥଳୀର ଅଂଶକୁ ଚାଲିଗଲେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ଆମେରିକା ଗସ୍ତଟି ଆଜି ଶେଷ ହେଉଥିଲା । ଆଜି ସଂନ୍ଧ୍ୟା ସମୟରେ ଆମେରିକାରୁ ଲଣ୍ଡନ, ବ୍ରିଟେନ୍ ନିମନ୍ତେ ଲେଉଟିଯିବାର ପ୍ରୋଗ୍ରାମ ଥିଲା । ହଜୁର ଅନଓ୍ୱର ଅ:ବ:ଅଙ୍କୁ ବିଦାୟ ସମ୍ବଦନା ଦେବାପାଇଁ ଦ୍ୱିପ୍ରହରଠାରୁ ହିଁ ଯମାତ୍‌ର ସଦସ୍ୟମାନେ ଭିନ୍ନ ଭିନ୍ନ ଯମାତଗୁଡ଼ିକରୁ ଆସି ମସ୍‌ଜିଦ୍ ବଇତୁର ରହମାନଠାରେ ଏକାଠି ହେବା ଆରମ୍ଭ କରିଦେଇଥିଲେ ।

**ହଜୁର ଅନଓ୍ୱରଙ୍କର ଆମେରିକାରୁ ଲଣ୍ଡନକୁ ଯାତ୍ରା**

ଠିକ୍ ୭:୪୦ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ଯେଉଁ କ୍ଷଣି ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ଚେହେରା ଉପରେ ଦୃଷ୍ଟି ପଡ଼ିଲା ଯମାତ୍‌ର ସଦସ୍ୟମାନଙ୍କର ବହୁତ ଉତ୍ସାହ ଓ ଉଦ୍ଦୀପନାର ସହିତ ସ୍ଲୋଗାନ୍ ଉତଳନ କଲେ । ସମସ୍ତଙ୍କର ହାତ ଉପରକୁ ଥିଲା । ମହିଳାମାନେ ନିଜର ହାତକୁ ହଲାଇ ଦର୍ଶନ କରୁଥିଲେ । ଛୋଟଛୋଟ ଝିଅମାନେ ଦଳଗତରୂପେ ବିଦାୟ ସଙ୍ଗିତ ଗାନ କରୁଥିଲେ ।

ହଜୁର ଅନଓ୍ୱର ଅ:ବ:ଅ ଭକ୍ତବତ୍ସଳ ହୋଇ ଲୋକମାନଙ୍କ ନିକଟକୁ ଗଲେ ଓ କିଛି ସମୟପାଇଁ ଲୋକମାନଙ୍କ ଗହଣରେ ବିରାଜମାନ ହେଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ଏହି ଦୁଆ ସମୟରେ ବହୁତ ଭାବବିହ୍ୱଳପୂର୍ଣ୍ଣ ଦୃଶ୍ୟ ଦେଖିବାକୁ ମିଳିଲା । ପୁରୁଷ ଓ ମହିଳାମାନଙ୍କ ଏପରି କି ପିଲାମାନଙ୍କ ଆଖିରୁ ମଧ ଅଶ୍ରୁ ଝରିପଡୁଥିଲା । ସାନଠାରୁ ବଡ଼ ପର୍ଯ୍ୟନ୍ତ ଦୁଃଖରେ ଭାଙ୍ଗିପଡୁଥିଲେ । ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅଙ୍କ ଗାଡ଼ି ମସଜିଦ୍ ବଇତୁର ରହମାନର ବାହ୍ୟ ପ୍ରାଙ୍ଗଣରୁ ଯାତ୍ରା ଆରମ୍ଭ କଲା ସେତେବେଳେ ଲୋକମାନଙ୍କର ହାତ ଉପରକୁ ଉଠିଯାଇଥିଲା ଏବଂ ଚାରିଆଡୁ ଅସସ୍‌ଲାମୁ ଆଲୈକୁମ୍, ଫିଅମାନିଲ୍ଲାଃ ଏବଂ ଖୁଦାହାଫିଜ୍ ର ଧ୍ୱନୀ ଉଚ୍ଚାରିତ ହେଉଥିଲା ।

ପାଖାପାଖି ଠିକ୍ ୮:୪୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ଏୟାରପୋର୍ଟଠାରେ ପଂହଚିଲେ । ଏୟାରପୋର୍ଟରେ ପଂହଚିବା ପୂର୍ବରୁ ହଜୁର ଅନଓ୍ୱର ଅ:ବ:ଅଙ୍କ ସାମାନ, ବୁକିଙ୍ଗ ଏବଂ ବୋର୍ଡ଼ିଙ୍ଗ ପାଶ୍ ହାସଲ କରିବାର କାର୍ଯ୍ୟକ୍ରମ ସମ୍ପୁର୍ଣ୍ଣ ହୋଇସାରିଥିଲା । ଯେଉଁ କ୍ଷଣି ହଜୁର ଅନଓ୍ୱର ଅ:ବ:ଅ ଗାଡ଼ିରୁ ବାହାରକୁ ବାହାରିଲେ ଏୟାରପୋର୍ଟର ପୋର୍ଟକଲ୍ ଅଫିସର ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କୁ ନିଜ ସହିତ ଏୟାରପୋର୍ଟ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 31 Oct 2019 Issue No. 44

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

## ୪ ନଭେମ୍ବର ୨୦୧୮ (ରବିବାର)ର ବଳକା ରିପୋର୍ଟ୍ ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ୟୁ.ଏସ୍.ଏର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ମିଟିଙ୍ଗ୍‌ର ବଳକାଅଂଶ

ହଜୁର୍ ଅନୁଓ୍ୱର୍ ଅ:ବ:ଅ ମିଡିଆ ଟିମ୍‌ର ଇନ୍‌ଚାର୍ଯ୍ୟ ଡାକ୍ତର ନସିମ୍ ରହେମତୁଲ୍ଲାଃ ସାହେବ୍‌ଙ୍କୁ ସମ୍ବୋଧନ କରି କହିଲେ:- ଯଦି ଆପଣଙ୍କର ମିଡିଆ ଟିମ୍ ସମ୍ବନ୍ଧରେ କୌଣସି ଯୋଜନା ଅଛି ବା ଯାହାକିଛି ମଧ୍ୟ ପ୍ରୋଗ୍ରାମ୍ ରହିଛି ସେ ସବୁକୁ ସେକ୍ରେଟାରୀ ଉମୁରେ ଖାର୍‌ଜାଙ୍କୁ ଦେଇଦିଅନ୍ତୁ । ଆଜିଠାରୁ ଉମୁରେ ଖାର୍‌ଜା ବିଭାଗ ଏହି ମାମଲା ଗୁଡିକ ଦେଖାଶୁଣା କରିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଉମୁରେ ଖାରଜା ବିଭାଗ ହିଁ ଅନ୍ୟ ସମସ୍ତ ଜମାତ ଗୁଡିକ ଓ କମ୍ୟୁନିଟିଙ୍କ ସହିତ ବନ୍ଧୁତ୍ୱପୁର୍ଣ୍ଣ ସମ୍ପର୍କ ସ୍ଥାପନ କରିବା ପାଇଁ ଚେଷ୍ଟା କରିବ । ମୁଁ ଆପଣଙ୍କୁ ଗୋଟିଏ ନୁଆ ଆସାଇନ୍‌ମେଂଟ୍ ଏହା ଦେଉଅଛି ଯେ ଆପଣ ନର୍ଥ ଆମେରିକୀୟ ମୁସ୍‌ଲିମ୍ କାଉନ୍‌ସିଲ୍ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିବେ । ସେମାନେ ଜମାତ୍ ଉପରେ ଯେଉଁ ଅଭିଯୋଗ ଇତ୍ୟାଦି ଲଗାଇଛନ୍ତି ସେ ସବୁର ଉତର ମଧ୍ୟ ଆପଣଙ୍କୁ ହିଁ ଦେବାକୁ ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣ ଗୋଟିଏ ଟିମ୍ ବନାନ୍ତୁ । ଆପଣମାନଙ୍କର ଯେଉଁ ଷ୍ଟେଟ୍‌ମେଂଟ୍‌ସ୍ ରହିଛି ଏବଂ ସାମୟିକ ଘଟଣାବଳୀ ଓ ସମସ୍ୟା ଉପରେ ଆପଣମାନଙ୍କର ଯେଉଁ ବର୍ଣ୍ଣନା ରହିଛି ଉଦାହରଣ ସ୍ୱରୂପ ଆନ୍ତର୍ଜାତୀୟ ପରିସ୍ଥିତି ଓ ବିଶେଷ ରୂପେ ପାକିସ୍ତାନ୍‌ରେ ଅହେମଦୀମାନଙ୍କର ପରିସ୍ଥିତି, ଏ ସବୁ ଷ୍ଟେଟ୍‌ମେଂଟ୍‌ରେ ଆପଣଙ୍କୁ ସତର୍କତା ଅବଲମ୍ବନ କରିବାକୁ ହେବ । ଯେଉଁଠି ମଧ୍ୟ ପାକିସ୍ତାନୀ ଅହେମଦୀମାନଙ୍କର ମାମଲା ଉଠୁଛି ସେଠାରେ ଆପଣ ମୋ ବିନା ଅନୁମତିରୋ ନିଜ ଆଡୁ କୌଣସି ବୟାନ ଦେବେନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆପଣ ସିଧାସଳଖ ଅମିର୍ ସାହେବ୍‌ଙ୍କ ନିର୍ଦ୍ଦେଶ ମୁତାବକ କାମ କରିବେ । ଆପଣ ସମ୍ପୂର୍ଣ୍ଣ ରୂପେ ସ୍ୱାଧିନ ନୁହଁନ୍ତି । ଏତଦ୍‌ବ୍ୟତୀତ ମୋର ପ୍ରେସ୍ ଆଣ୍ଡ ମିଡିଆ ସେକ୍‌ସନ୍ ସହିତ ମଧ୍ୟ ଯୋଗାଯୋଗ ରଖିବେ । ଯଦି କୌଣସି ଏମର୍‌ଜେନ୍‌ସି ଥାଏ ତେବେ ଆପଣ ଫୋନ୍ ମାଧ୍ୟମରେ ବା ଇ-ମେଲ୍ ଜରିଆରେ ଆବିଦ୍ ୱହିଦ୍ ସାହେବ୍‌ଙ୍କ ସହିତ ଯୋଗାଯୋଗ କରିପାରିବେ । ଏହି କାର୍ଯ୍ୟାଳୟ ୨୪ ଘଂଟା ଖୋଲା ରହିଥାଏ । କେବଳ ଆବିଦ୍ ସାହେବ୍ ହିଁ ନୁହଁନ୍ତି ବରଂ ସେଠାରେ ଆହୁରି ମଧ୍ୟ ଅନେକ ଷ୍ଟାଫ୍ ମେମ୍ବର୍ କାର୍ଯ୍ୟ କରୁଛନ୍ତି । ସେଠାରେ କାମ କରୁଥିବା ଲୋକମାନଙ୍କର ଯୋଗାଯୋଗ ନମ୍ବରକୁ ହାସଲ କରି ନିଅନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଦ୍ୱିତୀୟ କଥା ହେଉଛି ଏହା କି ଜରୁରୀ ନୁହେଁ ଯେ ଖବରକାଗଜ ଗୁଡିକରେ ପ୍ରକାଶ ହେଉଥିବା ପ୍ରତ୍ୟେକ ଇସୁରେ ହିଁ ବୟାନ୍ ଜାରି କରାଯାଉ । ବେଳେବେଳେ କିଛି ମାମଲା ଜମାତ୍ ସହିତ ସମ୍ବନ୍ଧିତ ହୋଇନଥାଏ । ତେଣୁ ଏପରି ଇସୁ ଗୁଡିକରେ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ । ଏମିତି ଜିନିଷର ଭାଗିଦାରି ହୁଅନାହିଁ । ଦ୍ୱିତୀୟତଃ ମୁସଲ୍‌ମାନ୍ ମାନଙ୍କୁ ଉତର ଦେବାକୁ ଦିଅ । ହଁ ଯଦି ପ୍ରେସ୍ ନିଜେ ଆପଣଙ୍କ ନିକଟକୁ ଆସୁଛି ତେବେ ପୁଣି ଆପଣ ତାଙ୍କ ପ୍ରଶ୍ନ ଗୁଡିକର ଉତର ଦେଇପାରିବେ । କିନ୍ତୁ ପଲିସି ମାମଲାରେ ସତର୍କତା ଅବଲମ୍ବନ କରିବାକୁ ହେବ । ଯଦି କୌଣସି ପଲିସି ମ୍ୟାଟର୍ ଅଛି ଓ ତାହାର ଉତର ଦେବା ଅତ୍ୟନ୍ତ ଜରୁରୀ ତେବେ ସେଠାରେ ଆପଣଙ୍କର ବୟାନ୍ ଡିପ୍ଲମେଟିକ୍ ହେବା ଉଚିତ୍ ଓ ପୁଣି ପରେ ମୋ ଠାରୁ ଏପରି ମାମଲାରେ ମାର୍ଗଦର୍ଶନ ନିଅନ୍ତୁ । ମାର୍ଗଦର୍ଶନ ନେବା ପରେ ଆପଣ ପୁଣି ନିଜର ନିଶ୍ଚିତ ବୟାନ୍ ଜାରି କରିପାରିବେ ।

ଏହାପରେ ନ୍ୟାସ୍‌ନାଲ୍ ସେକ୍ରେଟାରୀ ଉମୁରେ ଆମା ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ ଯେ ଆମର ଅଧିକତର ମାମଲା ବିଭାଗର ସମ୍ବନ୍ଧିତ ଝଗଡା ସମ୍ପର୍କରେ ହୋଇଥାଏ । ବିଗତ ଅଢ଼େଇବର୍ଷରେ ଆମ ନିକଟକୁ ୪୨ଟି ଖୁଲା ଏବଂ ୧୮ଟି ତଲାକ୍ କେସ୍ ଆସିଛି । ସେଥି ମଧ୍ୟରୁ ୪୪ଟି କେସ୍‌କୁ ସମାଧାନ କରିବାରେ ଆମେ ସଫଳ ହୋଇଛୁ ଓ ୧୫ଟି କେସ୍ ଆମେ ସୁଲାହ୍ କରାଇଛୁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସୁଲାହ୍ ତ ହୋଇଥାଏ କିନ୍ତୁ ବର୍ଷେ ପରେ ସାଧାରଣତଃ ମହିଳାମାନେ ପୁଣି ନିଜ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ ନେଇ ଆସିଥାନ୍ତି ଯେ ସେମାନଙ୍କର ବ୍ୟବହାର ଠିକ୍ ନାହିଁ । ତେଣୁ ଏହି ମାମଲା ଗୁଡିକୁ ସମାଧାନ କରିବା ପରେ ଏପରି ଲୋକମାନଙ୍କ ସହିତ ଯୋଗାଯୋଗ ମଧ୍ୟ ରଖିବା ଉଚିତ୍ । ଅତି କମ୍‌ରେ ସେକ୍ରେଟାରୀ ତର୍‌ବିୟତ୍‌ଙ୍କର ଏପରି ଲୋକମାନଙ୍କ ସହିତ ନିଶ୍ଚିତ ରୂପେ ଯୋଗାଯୋଗ ରହିବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ତର୍‌ବିୟତ୍ କହିଲେ ଯେ ନ୍ୟାସ୍‌ନାଲ୍ ସ୍ତରରେ ମଧ୍ୟ ଇସ୍‌ଲାହି କମିଟି ଗଠନ କରାଯାଇଛି ଏବଂ ସେହିପରି ସ୍ଥାନୀୟ ସ୍ତରରେ ମଧ୍ୟ ୩୫ଟି ଇସ୍‌ଲାହି କମିଟି ଗଠନ ହୋଇଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେକ୍ରେଟାରୀ ତର୍‌ବିୟତଙ୍କୁ ନିର୍ଦ୍ଦେଶ ଦେଇ କହିଲେ ଯେ ସଦର୍ ଲଜ୍‌ନା ମଧ୍ୟ ଇସ୍‌ଲାହି କମିଟିର ମେମ୍ବର୍ ଅଟନ୍ତି । ତେଣୁ ଆପଣ ତ ପ୍ରତ୍ୟେକ ଘର ପର୍ଯ୍ୟନ୍ତ ପହଂଚିବା ଉଚିତ୍ । ଯେଉଁଠି ମଧ୍ୟ ସମସ୍ୟା ଉପୁଜୁଛି ତତ୍‌କ୍ଷଣାତ୍ ଆପଣଙ୍କୁ ରିପୋର୍ଟ୍ ମିଳିବା ଉଚିତ୍ । ତେଣୁ ଆପଣ ପ୍ଲାନ୍ ବନାନ୍ତୁ ଯେ ଲଜ୍‌ନାଙ୍କ ତରଫରୁ ଆପଣଙ୍କୁ ଏ ବିଷୟରେ ଅବଗତ କରାଯାଉ । ଏପରି ନହେଉ କି ମାମଲା ଏତେ ମାତ୍ରାରେ ବଢ଼ିଯାଉ ଯେଉଁଠି ତାର ସମାଧାନ ସମ୍ଭବ ନ ହୋଇପାରିବ । ତେଣୁ ତାକୁ ଆରମ୍ଭରୁ ହିଁ ଦେଖି ନିଆଯାଉ ଅଥବା ମାମଲା କଜା ବା ଉମୁରେ ଆମାରେ ଆସିବା ପରିବର୍ତେ ଇସ୍‌ଲାହି କମିଟି ସେହି ମାମଲାକୁ ପ୍ରଥମେ ସମାଧାନ କରିବା ପାଇଁ ଚେଷ୍ଟା କରିବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେକ୍ରେଟାରୀ ଉମୁରେ ଆମାଙ୍କୁ ପଚାରିଲେ ଯେ ଏହି ମାମଲାଗୁଡିକ ବ୍ୟତୀତ ଏଠାକୁ ଯେଉଁ ରିଫ୍ୟୁଜିମାନେ ଆସିଛନ୍ତି, ସେମାନଙ୍କୁ ରୋଜଗାର ଇତ୍ୟାଦି ଦେବାପାଇଁ ସାହାଯ୍ୟ କରିବା କାର୍ଯ୍ୟ ମଧ୍ୟ ଆପଣମାନଙ୍କର । ଏ ସମ୍ବନ୍ଧରେ କଣ କାମ କରୁଛନ୍ତି ? ଏଥିରେ ସେକ୍ରେଟାରୀ ଉମୁରେ ଆମା କହିଲେ ଯେ ଆମେ ଆମେରିକାରେ ଚାରୋଟି ଭିନ୍ନ ଭିନ୍ନ ସ୍ଥାନରେ ସେଂଟର୍ ତିଆରି କରିଛୁ । ବିଗତ ବର୍ଷେ ଦେଢ଼ ବର୍ଷ ହେବ ଆମେ ୨୮ଟି ଫ୍ୟାମିଲିଙ୍କୁ ସାହାଯ୍ୟ କରିଛୁ । ଏ ପ୍ରସଙ୍ଗରେ ଆମେ ଖୁଦାମୁଲ୍ ଅହେମଦୀୟା ଏବଂ ସନ୍‌ଅତ୍ ଓ୍ୱ ତିଜାରତ୍ ବିଭାଗ ସହିତ ମିଶି କାମ କରୁଅଛୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେକ୍ରେଟାରୀ ସନ୍‌ଅତ୍ ଓ୍ୱ ତିଜାରତ୍ (କାରିଗରୀ ଏବଂ ବାଣିଜ)ଙ୍କୁ ସମ୍ବୋଧନ କରି କହିଲେ ଯେ ଆପଣ ଏ ପ୍ରଙ୍ଗରେ କଣ କାମ କରୁଛନ୍ତି ? ସେଠାରୁ ଯେଉଁମାନେ ଆସୁଛନ୍ତି ସେମାନଙ୍କୁ ଭାଷା ସମସ୍ୟାର ବହୁତ ସମ୍ମୁଖୀନ ହେବାକୁ ପଡିଥାଏ । ମେକାନିକ୍, କାର୍ପେଂଟିଙ୍ଗ୍ ଅଥବା ଏହି ପ୍ରକାରର କାମ କରିପାରିବେ । କିନ୍ତୁ ଭାଷାଗତ ସମସ୍ୟା ଯୋଗୁ ସେମାନଙ୍କୁ ଅସୁବିଧା ହୋଇଥାଏ । ଏଥିରେ ସେକ୍ରେଟାରୀ ସନ୍‌ଅତ୍ ଓ୍ୱ ତିଜାରତ୍ କହିଲେ ଯେ ଯେତେବେଳେ ଲୋକମାନେ ଆସୁଛନ୍ତି ସେତେବେଳେ ଆମେ ସେମାନଙ୍କୁ ପଚାରିଥାଉ ଯେ ସେମାନେ କଣ କରିବାକୁ ଚାହୁଁଛନ୍ତି ବା ପାକିସ୍ତାନ୍‌ରେ କଣ କାମ କରୁଥିଲେ । ଯଦି ସେମାନେ କନ୍‌ଷ୍ଟକ୍‌ସନ୍‌ର କାମ କରୁଥିବେ ତେବେ ସେମାନଙ୍କର ଯୋଗାଯୋଗ କୌଣସି କଂଟ୍ରାକ୍ଟର୍ ସହିତ କରାଇ ଦିଆଯାଇଥାଏ । ସେହିପରି ସେମାନେ ଧିରେଧିରେ ପରିବେଶକୁ ଦେଖି କେତେକ ଲୋକେ ନିଜ ନିଜର ବ୍ୟବସାୟ ନିଜେ ଆରମ୍ଭ କରିଦେଉଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଚାରିଲେ ଯେ କେତେକ ମହିଳା ଅଛନ୍ତି ଯେଉଁମାନେ ଋକିରୀ କରୁଛନ୍ତି କିନ୍ତୁ ସେମାନେ ଏହି ଋକିରୀକୁ ଛାଡି ଆଉ କିଛି କରିବାକୁ ଚାହୁଁଛନ୍ତି । କ'ଣ ଆପଣ ଏହିପରି ମହିଳାମାନଙ୍କ ସକାଶେ କୌଣସି ଯୋଜନା ତିଆରି କରିଛନ୍ତି କି ? ଏଥିରେ ସେକ୍ରେଟାରୀ ସନ୍‌ଅତ୍ ଓ୍ୱ ତିଜରତ୍ କହିଲେ ଯେ କେତେକ ମହିଳାମାନଙ୍କ ସମ୍ବନ୍ଧରେ ଏକଥା ଜଣାପଡ଼ିଛି ଯେ ସେମାନେ ସିଲାଇ ଇତ୍ୟାଦି କାର୍ଯ୍ୟ ଜାଣିଛନ୍ତି । ତେଣୁ ଆମେ ସେମାନଙ୍କୁ ସିଲାଇ ମେସିନ୍ କିଣି ଦେଇଦେଉଛୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଚାରି ବୁଝିଲେ ଯେ କେତେକ ଏକାକି ମାଆମାନେ ମଧ୍ୟ ସେମାନଙ୍କ ପିଲାମାନଙ୍କ ସହିତ ଆସିଛନ୍ତି । ଯେଉଁମାନେ ତାଙ୍କ ସ୍ୱାମୀ ମାନଙ୍କୁ ଛାଡି ଦେଇଛନ୍ତି ଅବା କେତେକଙ୍କ ସ୍ୱାମୀମାନେ ସେମାନଙ୍କ ସାଥିରେ ଆସିପାରିନାହାଁନ୍ତି ଓ ଆଉ କେତେକ ସ୍ୱାମୀମାନଙ୍କ ଦେହାନ୍ତ ହୋଇଯାଇଛି । ସେମାନଙ୍କ ପାଇଁ କଣ ଚେଷ୍ଟା ଚଳାଇଛ ।

ଏଥିରେ ସେକ୍ରେଟାରୀ ସନ୍‌ଅତ୍ ତିଜାରତ୍ କହିଲେ ଯେ ଏଭଳି ତିନୋଟି ପରିବାର ମୋ ଜମାତ୍‌ରେ ମଧ୍ୟ ଅଛନ୍ତି । ଆମେ ତାଙ୍କ ସହିତ ଯୋଗାଯୋଗ ରଖିଛୁ । ଯେଉଁ ପରିବାରଗୁଡିକରେ କୌଣସି ପୁରଷ ନାହାଁନ୍ତି ସେମାନଙ୍କ ପାଇଁ ଆମର ଏ ଚେଷ୍ଟା ରହିଥାଏ ଯେ ସେମାନଙ୍କୁ କୌଣସି ଜବ୍ ମିଳିଯାଉ ଯାହା ସେମାନଙ୍କ ପାଇଁ ଉପଯୁକ୍ତ ହେବ । ଯଦି ସେମାନଙ୍କୁ ସିଲାଇ ଇତ୍ୟାଦି କାର୍ଯ୍ୟ ଆସୁଛି ତେବେ ସନ୍‌ଅତ୍ ଓ୍ୱ ତିଜାରତ୍ ବିଭାଗ ସେମାନଙ୍କ ପାଇଁ ସିଲାଇ ମିସିନ୍ କିଣି ଯୋଗାଇ ଦେଇଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ନ୍ୟାସ୍‌ନାଲ୍

*ଅବଶିଷ୍ଟାଂଶ ପୃଷ୍ଠା- ୦୭ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**